## ଦାଉ ସାଧୁଛି ଖରା

# ତତଲା ତାୱାରେ ବଲାଙ୍ଗିର; ଛଟପଟ ସହରବାସୀ

**ବଲାଙ୍ଗିର, ୧୯ ।୪(ସମିସ)**

ବଲାଙ୍ଗିରରେ ଦାଉ ସାଧୁଛି ଖରା। ଗତ କିଛି ଦିନ ହେବ ବଲାଙ୍ଗିର ଜିଲ୍ଲାରେ କ୍ରମାଗତ ଭାବେ ତାପମାତ୍ରା ବଢ଼ିବାରେ ଲାଗିଛି। ଦିନ ୧୦ଟା ହେଲେ ମୁଣ୍ଡ ଉପରେ ଟାଣ ଖରା ଲୋକଙ୍କ ପାଇଁ ଅସହ୍ୟ ହେଉଥିବାବେଳେ

## କାଗଜକଲମରେ ଗ୍ରୀଷ୍ମ ପ୍ରବାହ ମୁକାବିଲା

ସମୟ ସମୟରେ ବହୁଥିବା ଗରମ ପବନ ଲୋକଙ୍କ ପାଇଁ ସମସ୍ୟା ସାଜିଛି। ଏମିତିରେ ପୂର୍ବାହ୍ନ ୧୧ଟା ପରେ ସହରରେ ଅଘୋଷିତ କର୍ଫ୍ୟୁ ପରିସ୍ଥିତି ସୃଷ୍ଟି ହେଉଥିବା ଦେଖିବାକୁ ମିଳିଛି। ଜରୁରୀ କାମ ନହେଲେ ଲୋକେ ବାହାରକୁ ନ ବାହାରିବାକୁ ପ୍ରଶାସନ ସଚେତନ କରିଛି।

ବଲାଙ୍ଗିରରେ ଗ୍ରୀଷ୍ମପ୍ରବାହଜନିତ ପରିସ୍ଥିତିର ମୁକାବିଲା ପାଇଁ ପ୍ରଶାସନିକ ସ୍ତରରେ ବୈଠକ ଅନୁଷ୍ଠିତ ହେବା ସହ ଲୋକଙ୍କ ପାଇଁ ସତର୍କ ସୂଚନା ଜାରି କରାଯାଇଥିଲା। ଏଥିରେ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଖରାର ମୁକାବିଲା ପାଇଁ ନିଆଯାଇଥିବା ପଦକ୍ଷେପ ଓ ନେବାକୁ ଥିବା ପଦକ୍ଷେପର ପ୍ରସ୍ତାବ ଦେଇଥିଲେ। ତେବେ ଖରାର ପ୍ରକୋପରେ ଜନସାଧାରଣ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିଲେ ହେଁ ପ୍ରଶାସନିକ ସ୍ତରରେ ନିଆଯାଇଥିବା କୌଣସି ନିଷ୍ପତ୍ତି କାର୍ଯ୍ୟକାରୀ କରାଯାଉନଥିବା ଅଭିଯୋଗ ହୋଇଛି। ଗତ ୭ ଦିନ ମଧ୍ୟରେ ବଲାଙ୍ଗିର ସହରର ତାପମାତ୍ରା ଚିନ୍ତାର କାରଣ ପାଲଟିଛି। ସୂଚନା ଅନୁସାରେ ଗୁରୁବାର ସହର ତାପମାତ୍ରା ୪୨ ଡିଗ୍ରୀ ରହିଥିବା ବେଳେ ଶୁକ୍ରବାର ମଧ୍ୟ ତାପମାତ୍ରା ୪୨ ଡିଗ୍ରୀ ଉପରେ ରହିଥିଲା। ଗତ ପ୍ରାୟ ସପ୍ତାହେ ହେଲା ତାପମାତ୍ରା ୪୦ ଡିଗ୍ରୀ ଉପରେ ରହୁଥିବା ପାଣିପାଗ ବି ଭା ଗ ସୂଚନା ଦେଇଥିବା ବେଳେ ବାସ୍ତବରେ କିନ୍ତୁ ତାହା ଅଧିକ ହେବ ବୋଲି ଆଲୋଚନା ହେଉଛି। ଏହି କିଛି ବର୍ଷ ଭିତରରେ ସହରର ଅନେକ ସ୍ଥାନରେ ଗଛ କଟାଯାଇ ରାସ୍ତା ପ୍ରଶସ୍ତୀକରଣ ଓ ଅନ୍ୟ କାମ କରାଯାଇଥିବାରୁ ସହରରେ ତାପାମତ୍ରା ବଢ଼ୁଥିବା ଅଭିଯୋଗ ହୋଇଛି। ସହରରେ ଅନ୍ୟ କୌଣସି ଖାଲିସ୍ଥାନ ମାନଙ୍କରେ ଗଛ ଲଗାଇବାର ବ୍ୟବସ୍ଥା କରାଯାଇନାହିଁ। ଅନ୍ୟପକ୍ଷରେ ଏହିଭଳି ଅସହ୍ୟ ଖରା ଭିତରେ ପାନୀୟ ଜଳ ସମସ୍ୟା ମଧ୍ୟ ଲୋକଙ୍କ ପାଇଁ ସମସ୍ୟା ସାଜିଛି। ସହରର ଅନେକ ବସ୍ତିକୁ ନିୟମିତ ବ୍ୟବଧାନରେ ପାଇପ୍ ପାଣି ଆସୁନଥିବା ଅଭିଯୋଗ ହୋଇଛି। ସହରର ବିଭିନ୍ନ ସ୍ଥାନରେ ଜଳଛତ୍ରଗୁଡିକର ବ୍ୟବସ୍ଥା କରାଯାଇଛି। କିନ୍ତୁ ବିଭିନ୍ନ ଜଳଛତ୍ର ବନ୍ଦ ହୋଇଯାଇଥିବା ଦେଖିବାକୁ






ମିଳିଛି। କେଉଁଠି ମାଠିଆ ନାହିଁ ତ କେଉଁଠି ମାଠିଆ ଥିଲେ ପାଣି ନଥିବା ଅଭିଯୋଗ ହୋଇଛି। ଅତ୍ୟଧିକ ଗ୍ରୀଷ୍ମ ତାପ ଯୋଗୁଁ ଭୂତଳ ଜଳ ନିମ୍ନଗାମୀ ହେଉଛି। ଯାହାଫଳରେ ଜିଲ୍ଲାର ବିଭିନ୍ନ ଗାଁରେ ପିଇବା ପାଣି ପାଇଁ ଲୋକେ ତହକବିକଳ ହେଉଛନ୍ତି। ତେବେ ଗ୍ରୀଷ୍ମ ମୁକାବିଲା ପାଇଁ ଲୋକଙ୍କୁ ସଚେତନ କରାଇବା ପାଇଁ ବିଭିନ୍ନ ବ୍ୟବସ୍ଥା କରାଯାଇଥାଏ। କିନ୍ତୁ ଚଳିତ ବର୍ଷ ସେହିଭଳି କିଛି ବ୍ୟବସ୍ଥା ଦେଖିବାକୁ ମିଳିନାହିଁ। ନିର୍ବାଚନକୁ ଦୃଷ୍ଟିରେ ରଖି ପ୍ରବଳ ଗ୍ରୀଷ୍ମ ପ୍ରବାହରେ ସଚେତନ ରହିବା ପାଇଁ ସରକାର ସଚେତନ କରିଥିବା ବେଳେ ଏହାର ମୁକାବିଲା କରିବା ପାଇଁ କୌଣସି ବ୍ୟବସ୍ଥା କରାଯାଇନାହିଁ। ତେବେ ସାମଗ୍ରୀକ ଭାବେ ଦେଖିବାକୁ ଗଲେ ବଲାଙ୍ଗିରରେ ଗ୍ରୀଷ୍ମ ମୁକାବିଲା କେବଳ କାଗଜପତ୍ରରେ ହେଉଥିବା ବେଳେ ବାସ୍ତବିକ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ ରହିଛି।

## ଇଞ୍ଜିନ୍ ଖରାପ ହେବାରୁ ଅଟକିଲା ମାଲବାହୀ ଟ୍ରେନ୍

# ଘଣ୍ଟାଏ ବନ୍ଦ ରହିଲା ରେଳ ଫାଟକ; ଯାତାୟାତ ବାଧାପ୍ରାପ୍ତ




**ସଇଁତଲା, ୧୯।୪(ସମିସ):** ସମ୍ବଲପୁର ଟିଟିଲାଗଡ଼ ରେଳପଥର ସଇଁତଲା ବ୍ଲକ ଛକ ନିକଟ ଫାଟକରେ ଶୁକ୍ରବାର ପୂର୍ବାହ୍ନ ୧୦ଟା ୩୦ ସମୟରେ ଏକ ମାଲବୋଝେଇ ରେଳଗାଡ଼ିର ଇଞ୍ଜିନ ଖରାପ ହୋଇଯିବାରୁ ଏହା ଦୀର୍ଘ ୪୦ ମିନିଟ୍ ପର୍ଯ୍ୟନ୍ତ ଅଟକି ରହିଥିଲା। ଫଳରେ ପ୍ରବଳ ଖରାରେ ଲୋକେ ରେଳଫାଟକର ଦୁଇ ପାର୍ଶ୍ୱରେ ଛିଡ଼ା ହୋଇଥିବା ବେଳେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ପରେ ଗାଡ଼ିଟି ଷ୍ଟେସନକୁ ଫେରିବାରୁ ଫାଟକ ଖୋଲିଥିଲା ଏବଂ ଜନସାଧାରଣ ଯାତାୟାତ କରିଥିଲେ। ସଇଁତଲା ଷ୍ଟେସନ ଅଧୀକ୍ଷକ ସୁରେଶ କୁମାର ପାଢ଼ୀଙ୍କ କହିବା ଅନୁସାରେ ଟିଟିଲାଗଡ଼ ସମ୍ବଲପୁର ଯାଉଥିବା ମାଲବୋଝେଇ ଟ୍ରେନଟି ଦୁଇଟି ଇଞ୍ଜିନ ଦ୍ୱାରା ଦ୍ରୁତଗତିରେ ସଇଁତଲା ବ୍ଲକ ଛକଠାରେ ଥିବା ରେଳଫାଟକ ପାରିହେବା ପରେ ହଠାତ ଦ୍ୱିତୀୟ ଇଞ୍ଜିନଟି ଯାନ୍ତ୍ରୀକ ତ୍ରୁଟିରୁ ଅଟକି ଯାଇଥିଲା। ରେଳ ମଧ୍ୟରେ ଥିବା ଚାଳକ ଓ ସହ-ଚାଳକ ଇଞ୍ଜିନକୁ ସଜାଡ଼ିବାକୁ ଚେଷ୍ଟା କରିଥିଲେ। କିନ୍ତୁ ସେଥିରେ ସଫଳ ହୋଇନଥିଲେ। ଦୀର୍ଘ ୪୦ ମିନିଟରୁ ଊର୍ଦ୍ଧ୍ୱ ସମୟଧରି ଫାଟକ ମଧ୍ୟରେ ରେଳ ବଗି ରହିଯାଇଥିବାରୁ ଏହାର ଦୁଇପାର୍ଶ୍ୱରେ ଶତାଧିକ ଯାନବାହାନ ସହ ଜନସାଧାରଣ ଖରାରେ ଅଟକି ରହିଥିଲେ। ପରେ ଚାଳକ ଗୋଟିଏ ଇଞ୍ଜିନ ଦ୍ୱାରା ରେଳକୁ ଷ୍ଟେସନକୁ ଫେରାଇ ନେଇଥିଲେ। ପରେ ଗୋଟିଏ ଇଞ୍ଜିନ ଦ୍ୱାରା ଟ୍ରେନ୍‌ଟି ଗନ୍ତବ୍ୟସ୍ଥଳ ଅଭିମୁଖେ ବାହାରିଥିବା ଶ୍ରୀ ପାଢ଼ୀ କହିଛନ୍ତି।

# ବିଜେଡିରେ ସାମିଲ ହେଲେ ଗଣ୍ଡ ସମାଜର ୪୩ କର୍ମକର୍ତ୍ତା



**ବଲାଙ୍ଗିର, ୧୯ ।୪(ସମିସ):** ବଲାଙ୍ଗିର ସଦର ବ୍ଲକ ଅନ୍ତର୍ଗତ ଚୁଡ଼ାପାଳିର ଭୋଇପାଲି, ସାରସପିଟା ଗ୍ରାମ, ଢୁଲୁସର ଗ୍ରାମର ଗଣ୍ଡ ସମାଜର ୪୩ରୁ ଊର୍ଦ୍ଧ୍ୱ କଂଗ୍ରେସ ଓ ବିଜେପି କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ବଲାଙ୍ଗିର ଶୈଳଶ୍ରୀ ପ୍ୟାଲେସ୍‌ରେ ଆୟୋଜିତ ମିଶ୍ରଣ ପର୍ବରେ ନିରଞ୍ଜନ ଧରୁଆ, ଗଣ୍ଡ ସମାଜ ଚୁଡ଼ାପାଲି ସର୍କଲ ଓ ବିଜେଡିର ବରିଷ୍ଠ ନେତା କୁଳମଣି ମେହେରଙ୍କ ନେତୃତ୍ୱରେ ବଲାଙ୍ଗିର ବିଜେଡି ବିଧାୟକ ପ୍ରାର୍ଥୀ କଳିକେଶ ନାରାୟଣ ସିଂହଦେଓଙ୍କ ବିକାଶ କାର୍ଯ୍ୟକୁ ଦେଖି ସମସ୍ତେ ବିଜେଡିରେ ମିଶିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଗଣ୍ଡ ସମାଜର କର୍ମକର୍ତ୍ତା ବିଜେଡିରେ ସାମିଲ ହୋଇଥିବା ମତବ୍ୟକ୍ତ କରିଛନ୍ତି। ନୂତନ ଭାବେ ବିଜେଡିରେ ଯୋଗଦାନ କରିଥିବା ସଦସ୍ୟମାନେ ଆହୁରି କହିଛନ୍ତି ଯେ, ବିଜେଡି ତୃଣମୂଳସ୍ତରରେ ବିକାଶକୁ ଗୁରୁତ୍ୱ ଦେବା ସହ ଓଡ଼ିଶାବାସୀଙ୍କୁ ସମସ୍ତ ଦିଗରେ ସମୃଦ୍ଧ କରିବା ପାଇଁ କାମ କରୁଛି। ବିଜେଡିର ଏଭଳି ଜନହିତକର କାର୍ଯ୍ୟକ୍ରମରେ ଅନୁପ୍ରାଣିତ ହୋଇ ସମସ୍ତେ ଦଳରେ ମିଶିଛନ୍ତି। ବଲାଙ୍ଗିର ବିଧାୟକ ପ୍ରାର୍ଥୀ କଳିକେଶ ନାରାୟଣ ସିଂହଦେଓ ସମସ୍ତ ନୂତନ ସଦସ୍ୟଙ୍କୁ ଫୁଲତୋଡ଼ା ଓ ଉତ୍ତରୀୟ ଦେଇ ସ୍ୱାଗତ ଜଣାଇଥିଲେ।

# କନ୍ଧମାଳ ସାମ୍ବାଦିକ ସଂଘର ବୈଠକ



**ଶଗଡ଼ା, ୧୯ ।୪(ସମିସ):** କନ୍ଧମାଳ ସାମ୍ବାଦିକ ସଂଘ ପକ୍ଷରୁ ଖଇରମାଳସ୍ଥିତ ପାର୍ବତୀ ଗିରି ବୃହତ୍ ମେଗା ଜଳ ସେଚନ ପ୍ରକଳ୍ପ ନିକଟରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ସଂଘ ସଭାପତି ସୁଶିଲ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସାମ୍ବାଦିକ ହୃଦାନନ୍ଦ ମେହେର, କୃପାସିନ୍ଧୁ ସୁନା, ବେଣୁଧର ପ୍ରଧାନ, ପ୍ରଶାନ୍ତ ପ୍ରଧାନ, ଶଙ୍କର୍ଷଣ ସାହୁ, ମକରନ୍ଦ ସାହୁ, ପ୍ରଭଞ୍ଜନ ପୁରୋହିତ, ଆଶିଷ ଠାକୁର, ଅଙ୍କୁର ବେହେରା, ସିଦ୍ଧେଶ୍ୱର ଗିରି, ଆବୁ ବକ୍କର ଖାଁ, କୁନୁ ରାଜହଂସ, ବିରଜାନନ୍ଦନ ଦାନି, ଗୋପାଳ ମେହେର, ନିଗମାନନ୍ଦ ରଥ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସମ୍ପାଦକ ଜଗାନନ୍ଦ ମହାପାତ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ

## ଦିନରେ କବାଡ଼ିବାଲା; ରାତିରେ ଚୋରି

# ୪ ଅଭିଯୁକ୍ତଙ୍କୁ ବାନ୍ଧିଲା ପୁଲିସ

**ଟିଟିଲାଗଡ଼, ୧୯।୪(ସମିସ):** ବିଭିନ୍ନ ଜିଲ୍ଲାରେ ଦିନ ବେଳେ କବାଡ଼ିବାଲା ଭଳି ବୁଲି ନଜର ରଖୁଥିବା



ବେଳେ ରାତିରେ ଯୋଜନାବଦ୍ଧ ଭାବେ କରୁଥିଲେ ଚୋରି। ଟିଟିଲାଗଡ଼ର ବିଭିନ୍ନ ଅଞ୍ଚଳରୁ ଚୋରି କରି ଆସୁଥିବା ଏହି ଗ୍ୟାଙ୍ଗର ପର୍ଦ୍ଦାଫାସ କରିଛି ପୁଲିସ। ଏଥିରେ ସମ୍ପୃକ୍ତ ୪ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଛି।

ସୂଚନାଯୋଗ୍ୟ ଯେ ବିଭିନ୍ନ ଘର ତଥା ଟିଟିଲାଗଡ଼ କାଳୀ ମନ୍ଦିରରେ କ୍ରମାଗତ ଭାବେ ୪ ଥର ଚୋରି ହୋଇଥିଲା। ଏନେଇ ଥାନାରେ ଏତଲା ରୁଜୁ ହୋଇଥିବା ବେଳେ ଏହି ଅଭିଯୁକ୍ତଙ୍କୁ ଗିରଫ କରାଯାଇ ପାରି ନ ଥିଲା। ସେମାନଙ୍କ ନାଁରେ ବିଭିନ୍ନ ଥାନାରେ ମାମଲା ରହିଥିବା ଜଣାଯାଇଛି। ଟିଟିଲାଗଡ଼ ଥାନା ଅଧିକାରୀ ଅବନୀ ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ଉ କରି ଏହି ଚୋରି ମାମଲାରେ ସମ୍ପୃକ୍ତ ଥିବା ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ତାଙ୍କଠାରୁ ନଗଦ ଟଙ୍କା ଓ ବିଭିନ୍ନ ସାମଗ୍ରୀ ଜବତ କରାଯାଇଛି। ଏହି ମାମଲାରେ ଟିଟିଲାଗଡ଼ ଗୋରୁ ବଜାର ପଡ଼ାର ଗୋବିନ୍ଦ ଦେୱାର (୨୨), ସିର୍ଭଟାପଡ଼ାର ଅଜୟ ଦେୱାର୍ (୩୮), ମହସମୁନ୍ଦ ଜିଲ୍ଲା ବାଗବେହେରାର ମହେଶ ଦେୱାର, (୨୦), ଟିଟିଲାଗଡ଼ କଟକିଆ ପଡ଼ାର ଆଶିଷ ବର୍ମା (୩୬)ଙ୍କୁ ଗିରଫ କରାଯାଇଛି। ଏଥିରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି ସେ ନେଇ ଅଧିକ ତଦନ୍ତ ଜାରି ରହିଛି।

## ବଲାଙ୍ଗିରରେ ଆମ୍ବଚାଷ

# ଉତ୍ପାଦନରେ ଆଗୁଆ; ସଂରକ୍ଷଣ ଓ ବଜାର ବ୍ୟବସ୍ଥାରେ ପଛୁଆ

**ବଲାଙ୍ଗିର, ୧୯ ।୪(ସମିସ)**

ବଲାଙ୍ଗିର ଜିଲ୍ଲାରେ ଆମ୍ବ ଚାଷୀମାନଙ୍କ ପାଇଁ ନା ଅଛି ସଂରକ୍ଷଣ ବ୍ୟବସ୍ଥା ନା ଅଛି ବଜାର ବ୍ୟବସ୍ଥା। ଏହି ଅଞ୍ଚଳରେ ଧାନ ସହିତ ବହୁ ପରିମାଣର ଆମ୍ବଚାଷ ହେଉଥିବା ଜଣାପଡ଼ିଛି। କିନ୍ତୁ ଦୁର୍ଭାଗ୍ୟର ବିଷୟ ଆମ୍ବ ସଂରକ୍ଷଣ ପାଇଁ ଜିଲ୍ଲାସ୍ତରରେ କୌଣସି ବ୍ୟବସ୍ଥା ଆଜି ପର୍ଯ୍ୟନ୍ତ ହୋଇନଥିବା ବେଳେ ଆମ୍ବ ବ୍ୟବସାୟ ପାଇଁ ମଧ୍ୟ ନିର୍ଦ୍ଦିଷ୍ଟ ଭାବେ ବଜାର ବ୍ୟବସ୍ଥା କରାଯାଇନାହିଁ। ଯାହାଫଳରେ ବିଭିନ୍ନ ସମୟରେ ଆମ୍ବର କଳାବଜାରୀ ମଧ୍ୟ ଦେଖିବାକୁ ମିଳିଥାଏ। ତେବେ ସ୍ଥିତି ଏମିତି ଯେ ଜିଲ୍ଲାକୁ ବାହାରୁ ଆମ୍ବ ଆମଦାନୀ ହେଉଥିବା ବେଳେ ଜିଲ୍ଲାରେ ଥିବା ଆମ୍ବଚାଷୀମାନେ କ୍ଷତି ସହୁଥିବା ନେଇ ମଧ୍ୟ ଅଭିଯୋଗ ରହିଛି।

ବଲାଙ୍ଗିର ଜିଲ୍ଲା ଆମ୍ବଚାଷରେ ରାଜ୍ୟର ଏକ ଅଗ୍ରଣୀ ଜିଲ୍ଲା ଭାବେ ନାଁ ରହିଛି। ଜିଲ୍ଲାର ପ୍ରାୟ ସମସ୍ତ ବ୍ଲକ ଅଞ୍ଚଳରେ ଆମ୍ବଚାଷ କରାଯାଇଥାଏ। ଜିଲ୍ଲାରେ ଅନେକ ବଡ଼ ଆମ୍ବ ଚାଷୀମାନେ ରହିଥିବା ଜଣାପଡ଼ିଛି। ଅନେକ ଚାଷୀ ଆମ୍ବଚାଷ ଦ୍ୱାରା ଗୋଟିଏ ଋତୁରେ ଲକ୍ଷାଧିକ ଟଙ୍କା ଲାଭ ପାଉଥିବା ମଧ୍ୟ ନଜୀର ରହିଛି। ତେବେ ବଲାଙ୍ଗିରରେ ବହୁଳ ପରିମାଣରେ ଆମ୍ବ ଉତ୍ପାଦିତ ହେଉଥିବା ବେଳେ ଏଥିପାଇଁ ସଂରକ୍ଷଣ କିମ୍ବା ବଜାର ବ୍ୟବସ୍ଥାର କୌଣସି ସରକାରୀ ବ୍ୟବସ୍ଥା ନଥିବା ଅଭିଯୋଗ ହୋଇଛି।

ସୂଚନା ଅନୁସାରେ ବଲାଙ୍ଗିର ଜିଲ୍ଲାରେ ସରକାରୀ ଓ ବେସରକାରୀ ସ୍ତରରେ ପ୍ରାୟ ୩ ହଜାର ହେକ୍ଟର ଜମିରେ ଆମ୍ବଚାଷ କରାଯାଉଥିବା ଜଣାପଡ଼ିଛି।



ଜିଲ୍ଲାରେ ପ୍ରାୟ ୧୨ଶହରୁ ୧୩ଶହ ମେଟ୍ରିକ ଟନ ଆମ୍ବ ଉତ୍ପାଦନ କରାଯାଇଥାଏ। ତେବେ ଜିଲ୍ଲାର ଚାହିଦା ଉପରେ ଯଦି ନଜର ପକାଇବା ଏହା ଯଥେଷ୍ଟ କମ ରହିଛି। ହାରାହାରି ଜିଲ୍ଲାର ଚାହିଦା ୫ଶହ ଟନ ରହିଥିବା ବେଳେ ବଳକା ଆମ୍ବ ସବୁ କିଛି ପରିମାଣରେ ବାହାରକୁ ପଠାଯାଉଥିବା ବେଳେ ବାକିତକ ନଷ୍ଟ ହୋଇଯାଉଥିବା ଅଭିଯୋଗ ହୋଇଛି। କିଛି ଚାଷୀ ନିଜସ୍ତରରେ ବାହାର ବେପାରୀମାନଙ୍କୁ କମଦରରେ ଆମ୍ବ ବିକ୍ରୟ କରୁଥିବା ବେଳେ ଆଉ କିଛି ଚାଷୀ ନିଜେ ବଜାର ବୁଲି ଆମ୍ବ ବ୍ୟବସାୟ କରିଥାନ୍ତି। ଆମ୍ବ ସମୟରେ ଏହି ବ୍ୟବସାୟ ଆମ୍ବଚାଷୀ ମାନଙ୍କ ପାଇଁ ଏକ ବଡ଼ ରୋଜଗାରର ସୁଯୋଗ ଦେଉଥିବା ବେଳେ ଆମ୍ବଚାଷୀ ମାନଙ୍କୁ ପ୍ରୋତ୍ସାହିତ କରିବାରେ ବିଭାଗ ଫେଲ ମାରିଥିବା ଅଭିଯୋଗ ହୁଏ। ବଡ଼ ବଡ଼ ବ୍ୟବସାୟୀମାନଙ୍କୁ ଉଦ୍ୟାନ ବିଭାଗ ପକ୍ଷରୁ ସହାୟତା ପ୍ରଦାନ କରାଯାଉଥିବା ବେଳେ ଛୋଟ ଚାଷୀ ମାନଙ୍କୁ ଅବହେଳା ପ୍ରଦର୍ଶନ ହେଉଥିବା ନେଇ ମଧ୍ୟ ଅଭିଯୋଗ ହୋଇଛି। ଜିଲ୍ଲାରେ ଏପର୍ଯ୍ୟନ୍ତ ଆମ୍ବ ସଂରକ୍ଷଣ କରି ରଖିବା ପାଇଁ କୌଣସି ବ୍ୟବସ୍ଥା କରାଯାଇନଥିବା ଅଭିଯୋଗ ହୋଇଛି। ଜିଲ୍ଲାରେ ଶୀତଳଭଣ୍ଡାରର କୌଣସି ସୁବ୍ୟବସ୍ଥା ନଥିବାରୁ ସିଜନରେ ଯେତିକି ଆମ୍ବ ବିକ୍ରୟ ହେଲା ତ ଭଲ ନ ହେଲେ ତାହା ନଷ୍ଟ ହେବା ସୁନିଶ୍ଚିତ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ବଜାର ବ୍ୟବସ୍ଥା ମଧ୍ୟ ବେହାଲ ଅବସ୍ଥାରେ ରହିଥିବା ଅଭିଯୋଗ ହୋଇଛି। ବଲାଙ୍ଗିରକୁ ଜିଲ୍ଲା ତଥା ରାଜ୍ୟ ବାହାରୁ ଆମ୍ବ ଆସୁଥିବା ବେଳେ ଜିଲ୍ଲାରେ ଉତ୍ପାଦିତ ଆମ୍ବ ବିକ୍ରୟ ହେଉନଥିବା ଅଭିଯୋଗ ହୋଇଛି। ଜିଲ୍ଲାସ୍ତରରେ ଯଦି ଆମ୍ବ ବିକ୍ରୟ କରିବା ପାଇଁ ବଜାର ବ୍ୟବସ୍ଥା ହେଲେ ନିହାତି ଭାବେ ଆମ୍ବର ଉଚିତ ମୂଲ୍ୟ ମିଳିବା ସଙ୍ଗେ ସଙ୍ଗେ ଚାଷୀମାନେ ଉତ୍ସାହିତ ହେବେ ବୋଲି ଆମ୍ବଚାଷୀ ମାନେ ପ୍ରକାଶ କରିଛନ୍ତି। ଏହା ସହିତ ଆମ୍ବ ପ୍ରକ୍ରୀୟାକରଣ ପାଇଁ ଯଦି ପଦକ୍ଷେପ ଗ୍ରହଣ କରାଯାଏ ତେବେ ତାହା ମଧ୍ୟ ଚାଷୀମାନଙ୍କ ପାଇଁ ବେଶ ସହାୟକ ହେବ ବୋଲି ଚାଷୀମାନେ ପ୍ରକାଶ କରିଛନ୍ତି। ଏମିତିରେ ଆମ୍ବଚାଷରେ ଜିଲ୍ଲା ଯେତିକି ଆଗରେ ସଂରକ୍ଷଣ ଓ ବଜାର ବ୍ୟବସ୍ଥାରେ ସେତିକି ପଛରେ ରହିଥିବା ଅଭିଯୋଗ ହୋଇଛି। ଏଥିପ୍ରତି ଜିଲ୍ଲା ପ୍ରଶାସନ ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେଇ ଜିଲ୍ଲାରେ କିଭଳି ଏହାର ସଂରକ୍ଷଣ, ବଜାର ଓ ପ୍ରକ୍ରିୟାକରଣର ବ୍ୟବସ୍ଥା ହୋଇପାରିବ ସେ ଉପରେ ଧ୍ୟାନ ଦେବା ଉଚିତ ବୋଲି ଚାଷୀ ମହଲରେ ମତ ପ୍ରକାଶ ପାଇଛି।

**ଚାହିଦାଠୁ ଅଧିକ ଉତ୍ପାଦନ ତଥାପି ଚାଷୀ ଅଭାବୀ ବିକ୍ରୀର ଶିକାର**

**ବାହାରୁ ଆସୁଛି ଆମ୍ବ ଅଥଚ ସ୍ଥାନୀୟ ଚାଷୀଙ୍କୁ ମିଳୁନି ଲାଭ**

# ପ୍ରଶାସନର ନିର୍ବାଚନ ସମୀକ୍ଷା ବୈଠକ

**ବଲାଙ୍ଗିର, ୧୯।୪(ସମିସ):** ଚଳିତ ବର୍ଷ ସାଧାରଣ ନିର୍ବାଚନ ନିମନ୍ତେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଗୌରଓ ଶିୱାଜି ଇସାଲୱାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଡ. ବିଜୟାନନ୍ଦ ସେଠୀ, ନିର୍ବାଚନ ଖର୍ଚ୍ଚ ତଦାରଖ କମିଟି ନୋଡାଲ ଅଧିକାରୀ ତଥା ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଭାତ କୁମାର ମହାପାତ୍ର, ଡେପୁଟି କଲେକ୍ଟର (ନିର୍ବାଚନ) ରାଜେନ୍ଦ୍ର ନାୟକଙ୍କ ସମେତ ବିଭିନ୍ନ ସ୍କ୍ୱାଡ୍‌ର ଅଧିକାରୀ ଉପସ୍ଥିତ ଥିଲେ। ଫ୍ଲାଇଂ ସ୍କ୍ୱାଡ୍, ସହକାରୀ ନିର୍ବାଚନ ଖର୍ଚ୍ଚ ତଦାରଖ ଅଧିକାରୀ, ଷ୍ଟାଟିକ ସର୍‌ଭେଲିଆନ୍ସ ଟିମ୍, ଭିଡିଓ ସରଭେଲିଆନ୍ସ ଟିମ୍, ଭିଡିଓ ଭିଉଇଂ ଟିମ୍, ଖର୍ଚ୍ଚ ହିସାବ ଟିମ୍ ଆଦି ସାମିଲ ଥିଲେ। ନିର୍ବାଚନ ନିମନ୍ତେ ବଲାଙ୍ଗୀର ଜିଲ୍ଲାରେ ଆସନ୍ତା ୨୬ ତାରିଖ ବିଜ୍ଞପ୍ତି ପ୍ରକାଶ ପାଇବ। ତେଣୁ ଏହା ପୂର୍ବରୁ ପ୍ରଶାସନ ଏହି ସମୀକ୍ଷା ବୈଠକ କରିଛି। ନିର୍ବାଚନ ସମୟରେ ପ୍ରଚାର ପ୍ରସାର, ଯାନବାହାନ, ପ୍ରାର୍ଥୀମାନଙ୍କ ଖର୍ଚ୍ଚ ସୀମା ଓ ପ୍ରିଣ୍ଟିଂ ବ୍ୟାନର, ଅର୍ଥ ବିନିଯୋଗ, ଖାଦ୍ୟପେୟରେ ଖର୍ଚ୍ଚ ଓ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରି ନିର୍ବାଚନକୁ ସ୍ୱଚ୍ଛ ଭାବେ ସମ୍ପାଦନା କରାଇବା ପାଇଁ ଆଲୋଚନା ହୋଇଥିଲା। ଏହା ସହ 'ସି ଭିଜିଲ' ମାଧ୍ୟମରେ ୧୦୦ ମିନିଟରେ ଆଦର୍ଶ ଆଚରଣବିଧିର ଉଲ୍ଲଂଘନ ହେଉଥିବା ଅଭିଯୋଗର ସମାଧାନ ବାବଦରେ ଆଲୋଚନା ହୋଇଥିଲା। ଏହି ଦଳ ସହ ଭିଡିଓ ଉତ୍ତୋଳନକାରୀ ମଧ୍ୟ ଯିବେ। ଫଳରେ ଉପଯୁକ୍ତ ପ୍ରମାଣ ସହ କୌଣସି ଅପ୍ରୀତିକର ପରିସ୍ଥିତକୁ ଏଡ଼ା ଯାଇପାରିବ। ଏହି ଦଳଗୁଡ଼ିକ ନିର୍ବାଚନ ଶେଷ ଯାଏଁ ବିଜ୍ଞପ୍ତି ପ୍ରକାଶ ଦିନଠାରୁ ଚବିଶ ଘଣ୍ଟିଆ କାର୍ଯ୍ୟକାରୀ କରିବାକୁ ଥିବାବେଳେ ନିର୍ବାଚନ ଘୋଷଣାଠାରୁ ଜିଲ୍ଲା ନିମନ୍ତେ ଗଠିତ ଫ୍ଲାଇଂ ସ୍କ୍ୱାଡ୍ ଚବିଶ ଘଣ୍ଟିଆ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ୨୪/୭ ଇଣ୍ଟିଗ୍ରେଟେଡ୍ କଣ୍ଟ୍ରୋଲ ରୁମ୍ ଉପରେ ଗୁରୁତ୍ୱ

ବଲାଙ୍ଗିର, ୧୯।୪(ସମିସ): ନିର୍ବାଚନ ପ୍ରକ୍ରିୟାର ଅଖଣ୍ଡତା ଓ ସ୍ୱଚ୍ଛତାକୁ ସୁନିଶ୍ଚିତ କରିବା ଓ ଭାରତୀୟ ନିର୍ବାଚନ ଆୟୋଗ ଏବଂ ଓଡ଼ିଶା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାପିତ କରାଯାଇଛି ଏକ ୨୪/୭ ଇଣ୍ଟିଗ୍ରେଟେଡ୍ କଣ୍ଟ୍ରୋଲ ରୁମ୍। ଆଗାମୀ ଏକକାଳୀନ ସାଧାରଣ ନିର୍ବାଚନ ପାଇଁ ଆଦର୍ଶ ଆଚରଣବିଧି ଉଲ୍ଲଙ୍ଘନ ଉପରେ ନଜର ରଖିବା ପାଇଁ ଏହି ସମନ୍ୱିତ କକ୍ଷକୁ କାର୍ଯ୍ୟକାରୀ କରାଯାଉଛି ଓ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଗୌରଓ ଶିୱାଜି ଈଶାଲୱାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କଣ୍ଟ୍ରୋଲ ରୁମ୍‌ଟି କାର୍ଯ୍ୟକାରୀ ହେଉଛି। ତାଲିମପ୍ରାପ୍ତ ଅଧିକାରୀଙ୍କର ଏକ ଦଳ ଦ୍ୱାରା ପରିଚାଳିତ ଏହି ନିୟନ୍ତ୍ରଣ କକ୍ଷ ନିର୍ବାଚନ ସମ୍ବନ୍ଧୀୟ ମାମଲାର ତ୍ୱରିତ ଏବଂ ଦକ୍ଷ ସମାଧାନ ସୁନିଶ୍ଚିତ କରିବା ଏବଂ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ କାର୍ଯ୍ୟ ତଦାରଖ ପାଇଁ ନିୟୋଜିତ କରାଯାଇଛି। ଏଥି ସହିତ ନିର୍ବାଚନ ସମ୍ବନ୍ଧୀୟ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ସମାଧାନ ପାଇଁ ଏକ ଉତ୍ସର୍ଗୀକୃତ ଟୋଲ୍ ଫ୍ରି ହେଲ୍ପ ଲାଇନ୍ (୧୯୫୦) ମଧ୍ୟ କାର୍ଯ୍ୟକ୍ଷମ କରାଯାଉଛି। ଜନସାଧାରଣ ଏହି ନମ୍ବରକୁ ଯେକୌଣସି ସମୟରେ ଫୋନ୍ କରି ନିଜର ଅଭିଯୋଗ, ସ୍ପଷ୍ଟୀକରଣ କିମ୍ବା ନିର୍ବାଚନ ସମ୍ବନ୍ଧୀୟ ପ୍ରକ୍ରିୟା ଏବଂ ଆବଶ୍ୟକତା ସମ୍ପର୍କରେ ମାର୍ଗଦର୍ଶନ ପାଇପାରିବେ ଓ ନିର୍ବାଚନକୁ ଅବାଧ ଓ ନିରପେକ୍ଷ କରିବା ପାଇଁ ଜନସାଧାରଣଙ୍କୁ ଏହି ଟୋଲ୍ ଫ୍ରି ନମ୍ବରକୁ ନ୍ୟାୟପୂର୍ଣ୍ଣ ଭାବରେ ବ୍ୟବହାର କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଉତ୍ସାହିତ କରାଯାଉଛି। ଏହି କଣ୍ଟ୍ରୋଲ ରୁମ୍ ଓ ଟୋଲ୍ ଫ୍ରି ହେଲ୍ପ ଲାଇନ୍ ନିର୍ବାଚନ ଅବଧି ସାରା କାର୍ଯ୍ୟକ୍ଷମ ରହିବ।

# ଜିଲ୍ଲା ବ୍ରାହ୍ମଣ ମହାସଭାର ସାମୂହିକ ବ୍ରତୋପନୟନ



**ବଲାଙ୍ଗୀର, ୧୯।୪(ସମିସ):** ପବିତ୍ର ରାମ ନବମୀ ଅବସରରେ ବଲାଙ୍ଗିର ଜିଲ୍ଲା ବ୍ରାହ୍ମଣ ମହାସଭା ସଭାପତି ଧନଞ୍ଜୟ ମିଶ୍ର ତଥା ସମ୍ପାଦକ ଆଇନଜୀବୀ ଜୟରାମ ମିଶ୍ରଙ୍କ ତତ୍ତ୍ୱାବଧାନରେ ଛଅ ଜଣ ବ୍ରାହ୍ମଣ ବାଳକଙ୍କ ବ୍ରତୋପନୟନ

କାର୍ଯ୍ୟକ୍ରମ କରାଯାଇଥିଲା। ଏହି ଅବସରରେ ବ୍ରହ୍ମ ସମାଜର ଆଶୀର୍ବାଦ ଗ୍ରହଣ ଉପଲକ୍ଷେ ବଲାଙ୍ଗିରର ବିଜୁ ଜନତା ଦଳ ବିଧାୟକ ପ୍ରାର୍ଥୀ କଳିକେଶ ନାରାୟଣ ସିଂହଦେଓ ଏବଂ ବିଜେପି ପ୍ରାର୍ଥୀ ଗୋପାଳଜୀ ପାଣିଗ୍ରାହୀ ଉପସ୍ଥିତ ରହି ବଟୁମାନଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ପୂର୍ବତନ ସଭାପତି ତଥା ବ୍ରାହ୍ମଣ ସମାଜର ଉପଦେଷ୍ଟା ନୀଳମଣି ମିଶ୍ର ଓ ସତ୍ୟବନ୍ତ ବେଦବାକ ଉପସ୍ଥିତ ରହି ବାଳକମାନଙ୍କ ମଙ୍ଗଳକାମନା କରିଥିଲେ। ଏ ବର୍ଷ ଅନୁଷ୍ଠିତ ଭାରତୀୟ ପ୍ରଶାସନିକ ସେବାରେ କୃତିତ୍ୱ ଅର୍ଜନ କରିଥିବା ବଲାଙ୍ଗିର ମାଟିର ସୁଯୋଗ୍ୟ ସନ୍ତାନ ସାଇରାଜ ମିଶ୍ରଙ୍କୁ ସମ୍ମାନିତ କରିବା ପାଇଁ ସ୍ଥିର ହୋଇଛି। ପୂର୍ବତନ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଜ୍ୟୋତି ପାଣିଗ୍ରାହୀ ଏବଂ ତାଙ୍କ ସ୍ୱାମୀ ପୂର୍ବତନ କାଜୁ ନିଗମ ଅଧ୍ୟକ୍ଷ ସରୋଜ ପାଣିଗ୍ରାହୀ, ସଂଗଠନ ସମ୍ପାଦକ କିଶୋର କୁମାର ପୁରୋହିତ, ନରେନ୍ଦ୍ର ଆଚାର୍ଯ୍ୟ, କିଶୋର ମୋହନ ମିଶ୍ର, ପର୍ଶୁରାମ ନାୟକ, ବିଶ୍ୱନାଥ ତ୍ରିପାଠୀ, ଲକ୍ଷ୍ମୀକାନ୍ତ ଚାନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ



ଏ ରବୀନ୍ଦ୍ର ନାଥ ଦାସ
(ପ୍ରାକ୍ତନ ଓଡ଼ିଶା ବରିଷ୍ଠ ସେବା ପ୍ରଶାସନିକ ଅଧିକାରୀ, ପ୍ରାକ୍ତନ ଓଡିଶା ସାହିତ୍ୟ ଏକାଡେମୀ ସଂପାଦକ)
ଆର୍ବିଭାବ- ୧୭.୦୫.୧୯୪୨
ତିରୋଧାନ: ୨୦.୦୪.୨୦୨୨
ଚାହୁଁ ଚାହୁଁ ଦୁଇ ବର୍ଷ ବିତିଗଲାଣି। ଏମିତି ଗୋଟିଏ ଦିନ ନାହିଁ, ଯେଉଁ ଶୂନ୍ୟସ୍ଥାନ କରିଯାଇଛ, ତାହା ଅପୂରଣୀୟ । ତୁମେ ଯେଉଁଠି ଥାଅ ଭଲରେ ଥାଅ, ଏହା ନୃସିଂହ ନାଥଙ୍କ ନିକଟରେ ପ୍ରାର୍ଥନା।
-: ଶ୍ରଦ୍ଧାଞ୍ଜଳି ସହ :-
ହତଭାଗିନୀ ପତ୍ନୀ- ଡଲି, ପୁଅ- ପୁପୁନ୍, କନ୍ୟା-ପିଙ୍କୁ, ଜ୍ୱାଇଁ-ବୁଲୁ, ନାତି/ନାତୁଣୀ- ନୂତୁନ, ନୂପୁର ଓ ବନ୍ଧୁ ପରିଜନ

# କାର୍-ବାଇକ୍ ମୁହାଁମୁହିଁ ଧକ୍କାରେ ଭାଇ ମୃତ, ଭଉଣୀ ଗୁରୁତର

**ନୂଆପଡ଼ା, ୧୯।୪ (ସମିସ):** ନୂଆପଡ଼ା ଜିଲ୍ଲା ଖଡ଼ିଆଳ ରୋଡ୍ ଜୋଙ୍କ ଥାନା ଅଧୀନ ଗୌତମା ଛକରେ ଶୁକ୍ରବାର ସନ୍ଧ୍ୟାରେ ଏକ କାର୍ ଓ ବାଇକ୍ ମଧ୍ୟରେ ମୁହାମୁହିଁ ଧକ୍କା ହୋଇଛି। ଏହା ଫଳରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବରଗଡ଼ ଜିଲ୍ଲା ପାଇକମାଳ ଥାନା ଫଟାମୁଣ୍ଡା ଗୋପାଳ ଗିରି (୫୦)। ତାଙ୍କ ଭଉଣୀ କୁମୁଦିନୀ ଗୋସ୍ୱାମୀ ଗୁରୁତର ହୋଇ ନୂଆପଡ଼ ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି।

ଗୋପାଳ ବାଇକ୍‌ରେ ଛତିଶଗଡ଼ କୋମାଖାନ ଥାନା ଛିଦ୍ରା ଗାଁରୁ ଭଉଣୀ କୁମୁଦିନୀକୁ ନେଇ ଘରକୁ ଆସୁଥିଲେ; ହେଲେ ଗୌତମା ଛକରେ କାର୍ ଓ ବାଇକ୍ ମୁହାମୁହିଁ ଧକ୍କା ହୋଇଥିଲା। ଘଟଣା ସ୍ଥଳରୁ ଭାଇ ଓ ଭଉଣୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ ନୂଆପଡ଼ା ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲା। ଡାକ୍ତରଖାନାରେ ଗୋପାଳଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି କାର୍ ଓ ବାଇକ୍ ଜବତ କରିଛି। ଶନିବାର ଶବ ବ୍ୟବଚ୍ଛେଦ କରାଯିବ ବୋଲି ଜୋଙ୍କ ଥାନା ଅଧିକାରୀ ଗୁରୁଦେବ କର୍ମୀ ସୂଚନା ଦେଇଛନ୍ତି।

# ଆକର୍ଷଣର କେନ୍ଦ୍ର ପାଲଟିଛି ଦିବ୍ୟାଙ୍ଗଙ୍କ ପରିଚାଳିତ କାଫେ

**ବରଗଡ଼, ୧୯।୪(ସମିସ)**

ଶୁଣି ପାରୁନାହାଁନ୍ତି କି କଥା କହି ପାରୁନାହାନ୍ତି। ଦିବ୍ୟାଙ୍ଗ ହେଲେ ମଧ୍ୟ ସେମାନ ସବୁ କାର୍ଯ୍ୟରେ ସିଦ୍ଧହସ୍ତ। ଚା, କଫି ଠାରୁ ଆରମ୍ଭ କରି ସବୁକିଛି ନିଜ ହାତରେ ତିଆରି କରି ଗ୍ରାହକଙ୍କୁ ପରସି ଦେଉଛନ୍ତି। ବରଗଡ଼ର ଏହି ନାମୀଦାମୀ କେଫେରେ। ସେମାନେ ଦିବ୍ୟାଙ୍ଗ ହେଲେ ମଧ୍ୟ ନିଜର ଅକ୍ଷମତାକୁ କାହା ଆଗରେ ତାହା ପରିପ୍ରକାଶ ନ କରି ସ୍ୱାଭିମାନର ସହ ବଞ୍ଚି ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଛନ୍ତି।

ବରଗଡ଼ ସହରର ଗୋବିନ୍ଦପାଲି ଛକରେ ରହିଛି ମିନି ଫ୍ଲାଇଙ୍ଗ ଷ୍ଟାର କେଫେ। ଏହି କେଫେ ପରିଚାଳନା ଦାୟିତ୍ୱରେ ତିନି ଜଣ ଦିବ୍ୟାଙ୍ଗ (ମୁକ ବଧିର) ଯୁବକ ରହିଥିବା ବେଳେ ସେମାନେ ଚା’ କଫି ଠାରୁ ଆରମ୍ଭ କରି ଭେଲ ମୁଢ଼ି, ଗୁପଚୁପ ସହ ବିଭିନ୍ନ ପ୍ରକାର ସେକ୍ ନିଜ ହାତରେ ତିଆରି କରି ଗ୍ରାହକଙ୍କୁ ପରସି ଦେଇଥାନ୍ତି। ତେବେ ସେମାନେ ତିଆରି କରୁଥିବା ଚା’ ରେ ରହିଛି ବିଭିନ୍ନ ପ୍ରକାର ସ୍ୱାଦ। ଯେପରିକି ପାନ ଟି, ରୋଜ ଟି, ତନ୍ଦୁରି ଟି, ଚକୋଲେଟ ଟି। ସେହିପରି ସାହି ଗୁପଚୁପ, ଦହି ଗୁପଚୁପ, ଚକୋଲେଟ ଗୁପଚୁପ ପରି ଗୁପଚୁପର ମଧ୍ୟ ବିଭିନ୍ନ ପ୍ରକାରର ସ୍ୱାଦ ରହିଥିବା ବେଳେ ଭେଲମୁଢ଼ି ସହ ଆହୁରି ବିଭିନ୍ନ ପ୍ରକାର ସ୍ୱାଦିଷ୍ଟ ଖାଦ୍ୟ ସେମାନେ ତିଆରି କରିବାରେ ସିଦ୍ଧହସ୍ତ।

ମିନି ଫ୍ଲାଇଙ୍ଗ ଷ୍ଟାର କେଫେର ସତ୍ତ୍ୱାଧିକାରୀ ମିନି ନାୟକ ଶିକ୍ଷକତା ଛାଡି ଏହି କେଫେ ଆରମ୍ଭ କରିଥିବା ବେଳେ ଦିବ୍ୟାଙ୍ଗ ଯୁବକମାନେ ପାଢ଼ପଠା ସମାପ୍ତ ପରେ ସେମାନଙ୍କୁ କେହି ରୋଜଗାର ଦେଉଥିବା ନ ବେଳେ ତାଙ୍କୁ କର୍ମସଂସ୍ଥାନ ଯୋଗାଇବା ଏହାର ମୂଳ ଲକ୍ଷ୍ୟ ବୋଲି କହିଛନ୍ତି। ସତ୍ତ୍ୱାଧିକାରୀ ମିନି ନାୟକ ପ୍ରାୟ ୫ ଲକ୍ଷ ଟଙ୍କା ବ୍ୟାଙ୍କରୁ ଋଣ ନେବା ସହ ନିଜର ସେଭିଙ୍ଗ ପ୍ରାୟ ଦେଢ଼ ଲକ୍ଷ ଟଙ୍କା ମିଶାଇ ଏହି କେଫେ ଆରମ୍ଭ କରିଛନ୍ତି। ରୋହଣିଆର ଅଜୟ ଭୋଇ, ବାବେବିରାର ଘନଶ୍ୟାମ ବାରିକ ଏବଂ ଖ୍ରାପାଲିର ହଂସରାଜ ବନଛୋର ଏଠାରେ କାମ କରୁଥିବା ବେଳେ




ସମସ୍ତ ତିନି ଯୁବକ କଥା କହି ପାରନ୍ତି ନାହିଁ କି ଶୁଣି ବି ପାରନ୍ତି ନାହିଁ। ଯାହାକୁ ନେଇ କେଫେର ମେନୁ ଠାରୁ ଆରମ୍ଭ କରି କାନ୍ଥରେ ସାଙ୍କେତିକ ଭାଷା ତଥା ସର୍ଟ ଫର୍ମ ବ୍ୟବହାର କରାଯାଇଛି। ଅପରପକ୍ଷେ ଏମାନଙ୍କୁ ଦୁଇ ମାସ ହେବ ସମସ୍ତ କାର୍ଯ୍ୟ ଟ୍ରେନିଂ ଦେଉଛନ୍ତି ସୁଦୁର ଛତିଶଗଡ଼ର ପ୍ରଶିକ୍ଷିକା ଦିପମାଳା ଶ୍ୟାମ। ସେ ଦିବ୍ୟାଙ୍ଗ ଯୁବକମାନଙ୍କୁ ବିଭିନ୍ନ ଖାଦ୍ୟ ତିଆରି ରୁ ଆରମ୍ଭ କରି ଗ୍ରାହକଙ୍କ ଠାରୁ କିପରି ଅର୍ଡର ନିଆଯାଏ, ଗ୍ରାହକଙ୍କୁ କିପରି ବିଭିନ୍ନ ଖାଦ୍ୟ ପରିବେଷଣ କରିବେ ତାହା ଟ୍ରେନିଂ ଦେଉଛନ୍ତି। ସେହିପରି କେଫେକୁ ଆକର୍ଷଣୀୟ କରିବା ପାଇଁ କାନ୍ଥରେ ବିଭିନ୍ନ ପ୍ରକାର ସଚେତନତା ବାର୍ତ୍ତା ଲେଖାଯାଇଛି।

ଦିବ୍ୟାଙ୍ଗ ଯୁବକମାନଙ୍କୁ କର୍ମସଂସ୍ଥାନ ଯୋଗାଇ ମିନି ନାୟକଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଏହି କେଫେ ଧିରେ ଧିରେ ବରଗଡ଼ରେ ଲୋକଙ୍କୁ ଆକୃଷ୍ଟ କରିବା ସହ ଜନସାଧାରଣ ମଧ୍ୟ ଏମାନଙ୍କ ପ୍ରୟାସକୁ ବେଶ ପ୍ରଶଂସା କରୁଛନ୍ତି। ଶାରୀରିକ ଭିନ୍ନକ୍ଷମ ଆଗରେ ନିଜ ଦକ୍ଷତା ବଳରେ ଆତ୍ମନିର୍ଭରଶୀଳ ହେବା ସହ ଏହି ତିନି ଦିବ୍ୟାଙ୍ଗ ଯୁବକ ଅନ୍ୟମାନଙ୍କ ପାଇଁ ଅନନ୍ୟ ଉଦାହରଣ ପାଲଟିଛନ୍ତି।

# ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ

**ବିନିକା, ୧୯।୪(ସମିସ):** ବିନିକା ସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ୩୫ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ବାଞ୍ଛାନିଧି ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିନିକା ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନୀଳାଚଳ ମେହେର, ମୁଖ୍ୟବକ୍ତା ଭାବେ ବରଗଡ଼ ସରକାରୀ ମାଧ୍ୟମିକ ପ୍ରଶିକ୍ଷକ ରମେଶ ଚନ୍ଦ୍ର ସାହୁ ଯୋଗ ଦେଇଥିଲେ। ଶିକ୍ଷା କେନ୍ଦ୍ରର ଅଧ୍ୟକ୍ଷା ସ୍ନେହଲତା ନାଏକ ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ଅଜିତ ସାମନ୍ତରାୟ ବାର୍ଷିକ ବିବରଣୀ ପଠନ କରିଥିଲେ। ଶେଷରେ ଶିକ୍ଷକ ଗୋପାଳ ରଣା ଧନ୍ୟବାଦ ଅର୍ପଣ କରିଥିଲେ।

# ମୁକ୍ତିଲାଭ କଲା ସମ୍ବଲପୁରୀ ଗୀତ ‘ଆମର ଗାଁ କେ’

**ବରଗଡ଼, ୧୯।୪(ସମିସ):** ଶୁକ୍ରବାର ସମ୍ବଲପୁରୀ ଗୀତ ‘ଆମର ଗାଁ କେ’ ମୁକ୍ତିଲାଭ କରିଛି। ରୋହିତ ଦାଶଙ୍କ ପ୍ରଯୋଜନାରେ ବରଗଡ଼ ମାଜିକ କ୍ରିଏସନ ସମ୍ବଲପୁରୀ ୟୁଟ୍ୟୁବ ଚେନେଲ ତରଫରୁ କିଶନ ଦାଶ ଏହାର ନିର୍ମାଣ କରିଛନ୍ତି। ଏଥିରେ ଜଗନ୍ନାଥ ସେଠ ଓ ଜୟଶ୍ରୀ ଷଡ଼ଙ୍ଗୀ ଅଭିନୟ କରିଥିବା ବେଳେ ସର୍ବେଶ୍ୱର ଭୋଇ ଗୀତଟିକୁ କଣ୍ଠଦାନ କରିଛନ୍ତି। ପ୍ରମୋଦ ମିଶ୍ର ରଚନା ଏବଂ ସୁବୋଧ ମହାରଣାଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ସୁଦର୍ଶନ ବିଭାର ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି। ଚିତ୍ର ନିର୍ଦ୍ଦେଶକ ଦାୟିତ୍ୱରେ ଆକାଶ ଦାଶ ରହିଛନ୍ତି। ସମ୍ବଲପୁରୀ ଗୀତ କ୍ଷେତ୍ରରେ ଏହା ଏକ ନୂଆଁ ମାଇଲଖୁଣ୍ଟ ହେବ ବୋଲି ଦର୍ଶକ ମତ ବ୍ୟକ୍ତ କରିଛନ୍ତି।




# ବିକାଶର ବାର୍ତ୍ତା ଜନସାଧାରଣଙ୍କ ପାଖରେ ପହଞ୍ଚାଉଛନ୍ତି ବିଜେଡି କର୍ମୀ ଓ ନେତା

**ବରଗଡ଼, ୧୯।୪( ସମିସ) :** ଆଗକୁ ନିର୍ବାଚନ ଆସୁଥିବା ବେଳେ ବିଭିନ୍ନ ଦଳର ନେତା ଓ କର୍ମୀ ନିଜ ନିଜର ନିର୍ବାଚନୀ ପ୍ରସଙ୍ଗ ନେଇ ଜନତାଙ୍କ ପାଖରେ ପହଞ୍ଚୁଥିବା ବେଳେ ବରଗଡ଼ ବିଜୁ ଜନତା ଦଳର ବରଗଡ଼ ବିଧାନସଭା ବିଜେଡି ପ୍ରାର୍ଥୀ ଦେବେଶ ଆଚାର୍ଯ୍ୟ ଙ୍କ ସମେତ ଦଳୀୟ କର୍ମୀ ବିଭିନ୍ନ ଗ୍ରାମ ଓ ପଞ୍ଚାୟତ ଗସ୍ତ କରି ଭୋଟର ଙ୍କୁ ଭେଟିବା ସହିତ ସରକାରୀ ଯୋଜନା ସହିତ ରାଜ୍ୟ ସରକାର ଙ୍କ ଦ୍ୱାରା କରାଯାଇଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟ ଗୁଡ଼ିକ ସମ୍ବନ୍ଧରେ ଅବଗତ କରାଇ ଆଶୀର୍ବାଦ କାମନା କରୁଛନ୍ତି। ଶୁକ୍ରବାର ବରଗଡ଼ ବିଧାନ ସଭା ବିଜେଡି ପ୍ରାର୍ଥୀ ଦେବେଶ ଆଚାର୍ଯ୍ୟ ପଥର୍ଲା, କୁରୁଆ ପଞ୍ଚାୟତ ଗଣ୍ଡପାଲି, ବରଗଡ଼ ଖଜୁର ଟିକ୍ରା, ରାମଜୀ ମନ୍ଦିରପଡ଼ା, ସରଣ୍ଡା ପାଲି ଆଦି ବିଭିନ୍ନ ସ୍ଥାନରେ ଯୋଗ ଦେଇଥିଲେ। ଏହି ଅବସରରେ ନିଜର ଦଳୀୟ କର୍ମୀ ମାନଙ୍କ ସହିତ ଆଗାମୀ ନିର୍ବାଚନ ସମ୍ବନ୍ଧରେ ଜନ ସାଧାରଣଙ୍କ ସହ ଆଲୋଚନା କରି ଆଗାମୀ ନିର୍ବାଚନରେ ବିକାଶ ପ୍ରକ୍ରିୟାକୁ ଆହୁରି ପ୍ରଗତିଶୀଳ କରିବା ପାଇ ବିଜୁ ଜନତା ଦଳକୁ ଆଶୀର୍ବାଦ କରିବା ପାଇଁ ନିବେଦନ କରିଥିଲେ।



# ପଦ୍ମପୁର ପୁଲିସ ଦ୍ୱାରା ୭ ଲକ୍ଷ ଟଙ୍କା ଜବତ

**ପଦ୍ମପୁର/ଝାରବନ୍ଧ, ୧୯।୪ (ସମିସ):** ପଦ୍ମପୁର ପୁଲିସ ପକ୍ଷରୁ ନିର୍ବାଚନ ପାଇଁ କଡ଼ାକଡ଼ି ଭାବରେ ଯାଞ୍ଚ କରା ଯାଉଥିବା ବେଳେ ଗତ କାଲି ବିଳମ୍ବିତ ରାତିରେ ଝାରବନ୍ଧ ଥାନା ଡଭା ଛକରେ ଏକ ବାଇକରୁ ପୁଲିସ ୬ ଲକ୍ଷ ୫୨ ହଜାର ୮ ଶହ ଟଙ୍କା ଜବତ କରିଥିଲା। ପୁଲିସ ବଲାଙ୍ଗୀରର ମିତ୍ରଭାନୁ ସାହୁ ଓ ମନୋଜ ସାହୁଙ୍କ ଠାରୁ ଏହି ଟଙ୍କା ଜବତ କରିଥିବା ବେଳେ ସେମାନେ ଉକ୍ତ ଟଙ୍କାର କୌଣସି ସଠିକ ପ୍ରମାଣ ଦେଇ ପାରି ନଥିଲେ। ଏ ନେଇ ଝାରବନ୍ଧ ପୁଲିସ ଅଧିକ ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ସୁଚିସ୍ମିତା ମହାନ୍ତି ସୂଚନା ଦେଇଛନ୍ତି। ପଦ୍ମପୁର ପୁଲିସ ଗଡ଼ଭାଟି ନାକା ଠାରେ ଯାଞ୍ଚ କରୁଥିବା ବେଳେ ଏକ ପିକ୍ ଅପ୍ ରୁ ୧ ଲକ୍ଷ ୫ଶହ ଟଙ୍କା ଜବତ କରିଛି। ଗାଇସିଲେଟରୁ ପଦ୍ମପୁର ଯାଉଥିବା ଏକ ପିକ୍‌ଅପ୍ ଭ୍ୟାନ୍ ନଂ ଓଡ଼ି୧୭ ୱାଇର ୭୧୦୯ କୁ ଯାଞ୍ଚ କରିଥିବା ବେଳେ ଟୋଙ୍କ ଜିଲ୍ଲା ଅନ୍ତର୍ଗତ ଇସଲାମପୁରର ଶେଖ୍ ରଫିକ୍‌ଙ୍କ ଠାରୁ ଏକ ଲକ୍ଷ ପାଞ୍ଚଶହ ଟଙ୍କା ମିଳିଥିଲା। ଏହି ଟଙ୍କା ସମ୍ପର୍କରେ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନଥିବାରୁ ଟଙ୍କା ଜବତ କରିଥିବା ପଦ୍ମପୁର ଥାନା ଅଧିକାରୀ ମମତା ନାଏକ ସୂଚନା ଦେଇଛନ୍ତି।



# ପୂର୍ବତନ କାଉନସିଲର ନନ୍ଦିଘୋଷ ସାହୁଙ୍କ ବିଜେଡିରେ ଯୋଗଦାନ

**ବରଗଡ଼, ୧୯।୪(ସମିସ) :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ତଥା ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ବ୍ୟକ୍ତିତ୍ୱରେ ପ୍ରଭାବିତ ହୋଇ ବରଗଡ଼ର ପୂର୍ବତନ କାଉନସିଲର ନନ୍ଦିଘୋଷ ସାହୁ ବିଜୁ ଜନତା ଦଳରେ ଯୋଗଦେଇଛନ୍ତି। ବରଗଡ଼ ସହରର ୱାର୍ଡ଼ ନମ୍ବର ୧୫ ରେ ସେ ପୂର୍ବରୁ କାଉନସିଲ ଥିଲେ। ସମ୍ପ୍ରତି ସେ ବିଜେପିର ଜଣେ ସକ୍ରିୟ ସଦସ୍ୟ ଓ କାର୍ଯ୍ୟକର୍ତ୍ତା ଭାବେ କାର୍ଯ୍ୟ କରି ଆସୁଥିଲେ। ଶୁକ୍ରବାର ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ କାର୍ଯ୍ୟାଳୟରେ ଆୟୋଜିତ ବିଜେଡିର ଏକ ମିଶ୍ରଣ ପର୍ବରେ ଶ୍ରୀ ସାହୁ ଆନୁଷ୍ଠାନିକ ଭାବେ ବିଜେଡିରେ ଯୋଗଦାନ କରିଥିଲେ। ଏହି ଅବସରରେ ବିଧାୟକ ଆଚାର୍ଯ୍ୟଙ୍କ ସମେତ ଟାଉନ ବିଜେଡି ସଭାପତି କିଶୋର ମିଶ୍ର, ବରିଷ୍ଠ ବିଜେଡି ନେତା ସମ୍ବିତ ଆଚାର୍ଯ୍ୟ, ପୁରୁଷୋତ୍ତମ ବିଶିଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ଶ୍ରୀ ସାହୁଙ୍କୁ ସ୍ୱାଗତ ଜଣାଇଥିଲେ।

# ନାମଯଜ୍ଞରେ ହୋମିଓପାଥି ଚିକିତ୍ସା ଶିବିର

**ବରଗଡ଼, ୧୯।୪(ସମିସ) :** ବରଗଡ଼ ସଦର ବ୍ଲକ ତିଲପାଲି ନାମଯଜ୍ଞ ଅବସରରେ ଏକ ହୋମିଓପାଥି ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ବରଗାଁ ହୋମିଓପାଥି ଡାକ୍ତରଖାନା ତରଫରୁ ଅନୁଷ୍ଠିତ ଏହି ଶିବିରରେ ବହୁ ଶ୍ରଦ୍ଧାଳୁ ଭକ୍ତ ତଥା ଜନସାଧାରଣ ଉପକୃତ ହୋଇଥିଲେ। ଡାକ୍ତର ସୁବୋଧ ସାହୁ ଙ୍କ ସମେତ ନୀଳମାଧବ ପ୍ରଧାନ, ଦେବଦତ୍ତ ମହାପାତ୍ର ପ୍ରମୁଖ ଔଷଧ ବିତରଣ କରିଥିଲେ। ଏହି ଶିବିର ରାତି ୧୧ ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିବା ବେଳେ ଗ୍ରାମବାସୀ ଓ ଯୁବକ ସଂଘ ସକ୍ରିୟ ସହଯୋଗ କରିଥିଲେ।

# ସଂସ୍କାର ଇଣ୍ଟରନ୍ୟାସନାଲ ସ୍କୁଲରେ ବିଶ୍ୱଶାନ୍ତି ଯଜ୍ଞ

**ବରଗଡ଼, ୧୯।୪(ସମିସ):** ଶ୍ରୀରାମନବମୀ ଅବସରରେ ସଂସ୍କାର ଇଣ୍ଟରନ୍ୟାସନାଲ ସ୍କୁଲଠାରେ ବିଶ୍ୱଶାନ୍ତି ଯଜ୍ଞର ଆୟୋଜନ କରାଯାଇଥିଲା। ବିଦ୍ୟାଳୟର ପ୍ରତିଷ୍ଠାତ୍ରୀ ସାବିତ୍ରୀ ଦେବୀ ସାୱଡିଆ, ଚେୟାରମ୍ୟାନ ସୁମନ ସାୱଡିଆ, ଡାଇରେକ୍ଟର ଅଜିତ ପଟ୍ଟନାୟକ, ବବିତା ସାୱଡିଆ, ମମତା ଅଗ୍ରୱାଲ, ରେଖା ନାୟକ, ସଂଯୋଜିକା ମମତା ସିହ୍ନାଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଏହି ଅବସରରେ ନାରାୟଣଙ୍କ ସହସ୍ର ନାମ ଜପ କରାଯାଇଥିଲା।

# ବିବାହ ବାର୍ଷିକୀରେ ରକ୍ତଦାନ ଶିବିର, ୩୧ ୟୁନିଟ୍ ସଂଗ୍ରହ

**ବରଗଡ଼, ୧୯।୪(ସମିସ):** ବର୍ତ୍ତମାନ ଯୁଗରେ ନିଜର ବିବାହ ବାର୍ଷିକୀ କିଏ କେଉଁ ପ୍ରକାରରେ ଆୟୋଜନ କରି ଚର୍ଚ୍ଚାର ପରିସରକୁ ଆସୁଥିବା ବେଳେ ଜଣେ ଯୁବ ଦମ୍ପତି ରକ୍ତଦାନ ଶିବିର ଆୟୋଜନ କରି ବିବାହ ବାର୍ଷିକୀକୁ ନିଆରା ଢଙ୍ଗରେ ପାଳନ କରିଛନ୍ତି। ‘ଖଣ୍ଡହଥା ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ନିଷ୍ଠା ପରିବାର ଉପଦେଷ୍ଟା କ୍ଷିରୋଦ୍ର ସାହୁ ତାଙ୍କ ବିବାହ ବାର୍ଷିକୀ ପାଳନ କରିଥିଲେ। ଗୋଟିଏ ଦିନ ଆଗରୁ ଖବର ପାଇଥିଲେ ଯେ ବରଗଡ଼ ରକ୍ତ ଭଣ୍ଡାରରେ ରକ୍ତ ଅଭାବ ହୋଇ ଯାଇଛି। ରୋଗୀ ମାନେ ନାହିଁ ନ ଥିବାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେତିକିରେ କ୍ଷୀରୋଦ ନିଜର ପତ୍ନୀ ଙ୍କ ସହ କଥା ହୋଇ ବିବାହ ବାର୍ଷିକୀ ଦିନ ଏକ ରକ୍ତଦାନ ଶିବିର ଆୟୋଜନ କରିବାକୁ ନିଷ୍ପତ୍ତି ନେଇ ସ୍ୱେଚ୍ଛାସେବୀ ସଂଗଠନ ନିଷ୍ଠା ପରିବାର ସହଯୋଗରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଏହି ଶିବିରକୁ କ୍ଷିରୋଦ୍ର ସାହୁ ଓ ତାଙ୍କ ଧର୍ମପତ୍ନୀ ବିଜୟା ସାହୁ ଫିତା କାଟି ଶୁଭାରମ୍ଭ କରିଥିଲେ। ବରଗଡ଼ ରକ୍ତ ଭଣ୍ଡାର କର୍ମଚାରୀ ମାନେ ଏହି ଶିବିରରେ ୩୧ ୟୁନିଟ୍ ରକ୍ତ ସଂଗ୍ରହ କରିଥିଲେ। ତାଙ୍କ ପ୍ଲାଣ୍ଟ ରେ କାମ କରୁଥିବା କର୍ମଚାରୀ, ଶୁଭେଚ୍ଛୁ ଓ ସହଯୋଗୀ ସମସ୍ତେ ମିଶି ଖୁସି ମନରେ ରକ୍ତ ଦାନ କରିଥିଲେ। ରକ୍ତ ଦାନ ଶିବିର ଆୟୋଜନ କରି ନିଜର ବିବାହ ବାର୍ଷିକୀ କୁ ଏକ ଭିନ୍ନ ଢ଼ଙ୍ଗରେ ପାଳନ କରିଥିବାରୁ ବିଭିନ୍ନ ମହଲରେ ତାଙ୍କୁ ପ୍ରଶଂସା କରାଯାଇଛି। ନିଷ୍ଠା ପରିବାର ତରଫରୁ ଏହି ଦମ୍ପତିଙ୍କୁ ଏକ ସ୍ମୃତି ଫଳକ ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଶିବିର କୁ ନିଷ୍ଠା ପରିବାରର ସଭାପତି ରକ୍ଷପାଲ ସାହୁ, ସହ ସମ୍ପାଦକ ମଦନ ମୋହନ ଦାଶ, ଉପଦେଷ୍ଟା ଅଶ୍ୱିନୀ ତ୍ରିପାଠୀ, ସହ ସମ୍ପାଦକ ସଙ୍କେତ ଆଠଘରା, ଜୟନ୍ତ ପ୍ରଧାନ, ହେମାଞ୍ଚଳ ସାହୁ ପ୍ରମୁଖ ଶିବିର ପରିଚାଳନା କରିଥିଲେ।



# ଦୁର୍ଘଟଣାରେ ମୃତ ଯୁବକ ନେପାଳଙ୍କ ଚକ୍ଷୁଦାନ

**ପଦ୍ମପୁର, ୧୯।୪ (ସମିସ):** ସଂକଳ୍ପ ପରିବାରର ରକ୍ତଦାନ ଶିବିରରେ ନିୟମିତ ରକ୍ତଦାନ କରୁଥିବା ସ୍ୱେଚ୍ଛା ରକ୍ତଦାତା ସରେଇକେଲା ଗ୍ରାମର ନେପାଳ ସାହୁ (୨୮) ଶୁକ୍ରବାର ସକାଳ ୫ଟା ରେ ପଦ୍ମପୁର ଜଗଦଳପୁର ରାସ୍ତାରେ ମଟରସାଇକେଲରେ ଯାଉଥିବା ସମୟରେ ବିପରୀତ ଦିଗରୁ ଦ୍ରୁତ ଗତିରେ ଆସୁଥିବା ଏକ ପାଇପ ବୋଝେଇ ପିକଅପ ତାଙ୍କୁ ସମ୍ମୁଖରୁ ଧକ୍କା ଦେଇଥିଲା ଫଳରେ ଗୁରୁତର ଅବସ୍ଥାରେ ସେ ଆହତ ହୋଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ୧୦୮ ଆମ୍ବୁଲାନ୍ସ ସାହାଯ୍ୟରେ ପ୍ରଥମେ ପଦ୍ମପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେବା ବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ତାଙ୍କ ପାର୍ଥିବ ଶରୀର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ବରଗଡ଼ରେ ରଖାଯାଇ ତାଙ୍କର ନିଜ ଭାଇ ସତ୍ୟପାଲ ସାହୁଙ୍କ ଅନୁମତି କ୍ରମେ ଦୃଷ୍ଟିଦାନ ଚକ୍ଷୁ ବ୍ୟାଙ୍କ, ଭୁବନେଶ୍ୱରର କାର୍ଯ୍ୟରତ କର୍ମଚାରୀ ସୁନୀଲ ସା ଚକ୍ଷୁଦାନ ପ୍ରକ୍ରିୟା ଶେଷ କରିଥିଲେ। ସେଠାରେ ସଂକଳ୍ପ ପରିବାରର ବିକାଶ ଅଗ୍ରୱାଲ, ନୀଲେଶ ପ୍ରଧାନ ଅନ୍ୟ ସଦସ୍ୟ ମାନେ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଜୀବିତ ଥିବା ସମୟରେ ନିୟମିତ ରକ୍ତଦାନ କରୁଥିବା ନେପାଳଙ୍କ ମୃତ୍ୟପରେ ଚକ୍ଷୁଦାନ କରି ସମାଜକୁ ନିଆରା ବାର୍ତ୍ତା ଦେଇଛନ୍ତି। ତାଙ୍କ ପରିବାରର ମହତ ପଣିଆ ପାଇଁ ଦୁଇଜଣ ଚକ୍ଷୁ ହୀନ ବ୍ୟକ୍ତି ନିଜର ଦୃଷ୍ଟିଶକ୍ତି ଫେରି ପାଇ ରଙ୍ଗୀନ ଦୁନିଆକୁ ଦେଖି ପାରିବେ। ମୃତ୍ୟୁ ବରଣ କରିବା ପରେ ଚକ୍ଷୁଦାନ କରି ସମାଜରେ ସବୁଦିନ ନେପାଳ ଜୀବିତ ହୋଇ ରହିବେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଜଗଦଳପୁର ଥାନାଧିକାରୀ କେଶବ ଚନ୍ଦ୍ର ପ୍ରଧାନଙ୍କ ରିପୋର୍ଟ ତଳବ ପରେ ଶବର ପୋଷ୍ଟମର୍ଟମ କରାଯାଇ ତାଙ୍କ ପୈତୃକ ଗାଁ ସରେଇକେଲାକୁ ନିଆଯାଇଥିଲା। ଶୋକାକୁଳ ପରିବେଶରେ ଗାଁରେ ହଜାର ହଜାର ଗ୍ରାମବାସୀ ଅନ୍ତିମ ଶୋଭଯାତ୍ରାରେ ସାମିଲ ହୋଇ ‘ନେପାଳ ସାହୁ ଅମର ରହେ, ଜିତେଜି ରକ୍ତଦାନ ମର୍‌ତେ ହୁଏ ଚକ୍ଷୁଦାନ’ ନାରା ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ମୃତ୍ୟୁ ପରେ ରୋଜଗାରିଆ ଯୁବକ ପୁଅକୁ ହରାଇ ପରିବାର ବର୍ଗ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛନ୍ତି। ନେପାଳ ତାଙ୍କ ପଛରେ ୯ମାସ ର କୁନିପୁଅ କ୍ରୀଷ୍ଣା, ପତ୍ନୀ ସନ୍ତୋଷିନୀ, ସାନ ଭାଇ ସତ୍ୟ, ବାପା ମାଁ ଙ୍କୁ ଛାଡି ଚାଲିଯାଇଛନ୍ତି।





# ମହିଳା କଲେଜ ଶେଷବର୍ଷ ଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

**ବରପାଲି, ୧୯।୪ (ସମିସ):** ବରପାଲି ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟ ପରିସରରେ ଶେଷବର୍ଷ ଛାତ୍ରୀ ମାନଙ୍କ ବିଦାୟ ଉତ୍ସବ ପାଳିତ ହୋଇଯାଇଛି। ଶୁକ୍ରବାର ପୂର୍ବାହ୍ନରେ ମହାବିଦ୍ୟାଳୟ ଅଧ୍ୟକ୍ଷା ପଦ୍ମିନୀ ଦାଶଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ପ୍ରଥମବର୍ଷ ଛାତ୍ରୀ ମାନିନୀ ମେହେର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟ ପ୍ରତିଷ୍ଠାତା ଅନ୍ତର୍ଯ୍ୟାମୀ ପଣ୍ଡା ଯୋଗ ଦେଇ ଛାତ୍ରୀ ମାନଙ୍କୁ ସତଶିକ୍ଷା ମୂଳକ ଦିଗଦର୍ଶନ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ଦ୍ୱିତୀୟବର୍ଷ ଛାତ୍ରୀ ସୁନୀତା ନାଗଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ ପର୍ବ ସମାପନ ହୋଇଥିଲା। ଏହି ଅବସରରେ ମହାବିଦ୍ୟାଳୟ ସମସ୍ତ ଅଧ୍ୟାପକ ଯତୀନ୍ଦ୍ର କୁମାର ସାହୁ, ନେପାଳ ବିଶ୍ୱାଲ, ଶଶାଙ୍କ ଶେଖର ପଧାନ, ସାର୍ଥକ ପାଣିଗ୍ରାହୀ, ଲୋକନାଥ ମେହେର, ଅଧ୍ୟାପିକା ନିଳୀମା ନାୟକ, ଜ୍ୟୋତି ସାହୁ, ପିଙ୍କି ବାରିକ, ମନୀଷା ଭୋଇ, ଶୋଭାବତୀ ଥପା, ପୁନମ୍ ସାହୁ, ସସ୍ମିତା ମେହେର, ସହକର୍ମୀ ବିରେନ୍ଦ୍ର ଖଟୁଆ, ନୃପରାଜ ବରିହା, ତ୍ରିପୁରା ବେହେରା ସାମିଲ ହୋଇଥିଲେ। ପରେ ଛାତ୍ରୀ ମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।




# ମେ ୧୯ ରୁ ନୃସିଂହନାଥରେ ବୈଶାଖମେଳା

**ପାଇକମାଳ, ୧୯।୪(ସମିସ)**

ନୃସିଂହନାଥ ବୈଶାଖ ମେଳା ପାଇଁ ଏକ ପ୍ରସ୍ତୁତି ବୈଠକ ନୃସିଂହନାଥ ଭୋଗମଣ୍ଡପ ଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପାଇକମାଳ ବିଡିଓ ତଥା ମନ୍ଦିର ଟ୍ରଷ୍ଟି ପ୍ରଫୁଲ କୁମାର ଓଦୁ ଆସନ୍ତା ମେ ୧୯ତାରିଖ ରୁ ୨୪ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବା ବୋଲି ସୂଚନା ଦେଇଥିଲେ। ମନ୍ଦିର କାର୍ଯ୍ୟନିବାହି ଅଧିକାରୀ ପୁରୁଷୋତ୍ତମ ପ୍ରଧାନ ଗତ ବୈଶାଖ ମେଳାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପାନୀୟ ଜଳର ସୁବ୍ୟବସ୍ଥା, ୨୪ ଘଣ୍ଟିଆ ବିଦ୍ୟୁତ ସରବରାହ ବୈଶାଖମେଳା ପରିସରକୁ ଯୋଗାଇବା, ଶାନ୍ତି ଶୃଙ୍ଖଳା ପାଇଁ ବ୍ୟାପକ ପୁଲିସ ମୁତୟନ, ସ୍ୱାସ୍ଥ୍ୟ ସେବା ପାଇଁ ବ୍ୟାପକ ପଦକ୍ଷପ ନେବା ପାଇଁ ବିଭାଗୀୟ ଅଧିକାରୀମାନେ ନିଜ ଦାୟିତ୍ୱ ବିଷୟରେ କହିଥିଲେ। ଏମାନଙ୍କୁ ସହଯୋଗ କରିବା ଓ ମେଳା ସୁପରିଚାଳନା ପାଇଁ ଗତ ବର୍ଷ କମିଟିକୁ ପୂନର୍ବାର ସେହି କମିଟି କାର୍ଯ୍ୟ କରିବ। ଭିଡ଼କୁ ଦୃଷ୍ଟିରେ ରଖି ଅସ୍ଥାୟୀ ଆଶ୍ରୟ ସ୍ଥଳି ବ୍ୟବସ୍ଥା କରାଯିବା ପାଇଁ ପ୍ରସ୍ତାବ ନିଆଯାଇଛି। ପାଇକମାଳ ଥାନା ଆଇଆଇସି ସୁଶାନ୍ତ କୁମାର ବଡ଼େଇ, ପଦ୍ମପୁର ଏସଡିଏମଓ ଡା. ଆଶୁତୋଷ ହୋତା, ସିଏଚସି ଅଧିକାରୀ ଶୁଭ୍ରପ୍ରକାଶ ସେନାପତି, ବିଦ୍ୟୁତ ବିଭାଗ ଏସଡିଓ ମନୋରଞ୍ଜନ ନାୟକ, ଆର୍‌ଡବ୍ଲୁ ଏସଏସ ଜେଇ ସତ୍ୟବ୍ରତ ମାଝୀ, ବନବିଭାଗ ଏସିଏଫ ରାଜେନ୍ଦ୍ର ଭୋଇ, ଅଗ୍ନିଶ୍ରମ ଅଧିକାରୀ ପ୍ରମୁଖ ଯୋଗଦେଇ ଆଲୋଚନରେ ଅଂଶଗ୍ରହଣ କରିଥିଲେ। ଜିଲ୍ଲାପ୍ରଶାସନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଅନୁଦାନ ଯୋଗାଇବା ଜିଲ୍ଲା ପ୍ରଶାସନକୁ ଚିଠି ମାଧ୍ୟମରେ ଅନୁରୋଧ କରାଯିବା ଓ ଲୋକାଲ ସାଂସ୍କୃତିକ ଗ୍ରୁପକୁ ଅଂଶ ଗ୍ରହଣ କରାଯିବା ପାଇଁ ପ୍ରସ୍ତାବ ନିଆଗଲା। ଶେଷରେ ମନ୍ଦିର କାର୍ଯ୍ୟନିର୍ବାହି ଅଧିକାରୀ ପୁରୁଷୋତ୍ତମ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



# ଭେଡେନ ଅଞ୍ଚଳରେ ପୁଲିସର ଫ୍ଲାଗମାର୍ଚ୍ଚ



**ଭେଡେନ, ୧୯।୪(ସମିସ):** ସାଧାରଣ ଜନତାଙ୍କ ସହ ପୁଲିସ ସବୁବେଳେ ସୁସମ୍ପର୍କ ରହିଛି ବୋଲି ସୂଚନା ଦେବା ସହ ଆଗାମୀ ନିର୍ବାଚନକୁ ଶୃଙ୍ଖଳିତ ଭାବରେ ପରିଚାଳିତ କରିବା ପାଇଁ ବରଗଡ଼ ଜିଲ୍ଲା ଆରକ୍ଷୀ ଅଧିକାରୀ ଏସ୍. ପ୍ରହଲ୍ଲାଦ ମିନାଙ୍କ ନିର୍ଦ୍ଦେଶ କ୍ରମେ ଭେଡେନ ଥାନା ଅଞ୍ଚଳରେ ପୁଲିସ ଫ୍ଲାଗ ମାର୍ଚ୍ଚ ଅନୁଷ୍ଠିତ ହୋଇଛି। ବରଗଡ଼ ଏସଡିପିଓ ପଦାରବିନ୍ଦ ତ୍ରିପାଠୀ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓ ଭେଡେନ ଥାନା ଅଧିକାରୀ ପ୍ରେମଜିତ ଦାଶଙ୍କ ସଂଯୋଜନାରେ ଭେଡେନ ବ୍ଲକ ଅନ୍ତର୍ଗତ ଅଁଏଲାପାଲି, ତାଲଗାଁ, ତେନ୍ତୁଲିଟିକିରା, ଜମଡୋଲ, ସହାରାଟିକିରା ଆଦି ଅଞ୍ଚଳରେ ପୁଲିସର ଫ୍ଲାଗ ମାର୍ଚ୍ଚ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ୨ପ୍ଲାଟୁନ ଫୋର୍ସ ସମେତ ୨ଜଣ ଏସ୍‌ଆଇ, ୨ଜଣ ଏଏସଆଇ ସମେତ ଭେଡେନ ଥାନା ଓ ରକ୍ଷୁତା ଫାଣ୍ଡିର ସମସ୍ତ ପୁଲିସ କର୍ମଚାରୀ ସାମିଲ ଥିଲେ।

## ବିଜେଡିର ସଂକଳ୍ପ ସମାବେଶ ଓ ମିଶ୍ରଣ ପର୍ବ

# ବିଜେପି ଓ କଂଗ୍ରେସରୁ ଶତାଧିକ କର୍ମୀଙ୍କ ଯୋଗଦାନ





**ଭବାନୀପାଟଣା, ୧୯।୪(ସମିସ)**

ଆସନ୍ତା ନିର୍ବାଚନ ପାଇଁ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ପ୍ରଚାରକାର୍ଯ୍ୟ ଆରମ୍ଭ ହୋଇଯାଇଛି। ଭବାନୀପାଟଣା ନିର୍ବାଚନମଣ୍ଡଳୀରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବା ନିଶ୍ଚିତ। ଗାଁଠାରୁ ସହର ପର୍ଯ୍ୟନ୍ତ ବିକାଶର ଧାରାରେ ଅନୁପ୍ରାଣିତ ଅଞ୍ଚଳବାସୀ ଶାସକ ବିଜେଡି ଦଳ ପ୍ରତି ଆକର୍ଷିତ ହୋଇ ଆସୁଥିବା ଅନୁମାନ କରାଯାଉଛି। ଦ୍ୱିତୀୟରେ ଚଳିତ ନିର୍ବାଚନରେ ବିପକ୍ଷ ଦଳ ବିଜେପି ଓ କଂଗ୍ରେସ ବିରୋଧୀଙ୍କ ନିକଟରେ ବିଜୁ ଜନତା ଦଳକୁ ଚ୍ୟାଲେଞ୍ଜ ପାଇଁ ଠୋସ ପ୍ରସଙ୍ଗ ନାହିଁ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାରା ରାଜ୍ୟରେ ନାରୀ ସଶକ୍ତିକରଣକୁ ଗୁରୁତ୍ୱଦେଇ ଆସିଛନ୍ତି। ନାରୀମାନଙ୍କ ସାମାଜିକ ଓ ଅର୍ଥନୈତିକ ସୁଦୃଢ଼ୀକରଣ ଦ୍ରୁତ ଗତିରେ ଅଗ୍ରସର ହେଉଛି। ଏହାର ପ୍ରମାଣ ସମସ୍ତେ ଅନୁଭବ କରୁଛନ୍ତି। ଶୁକ୍ରବାର ବିଜୁ ଜନତା ଦଳର ଭବାନୀପାଟଣା ବିଧାୟିକା ପ୍ରାର୍ଥିନୀ ଲଳିତା ନାଏକଙ୍କ ବଳିଷ୍ଠ ନେତୃତ୍ୱରେ ସଦର ବ୍ଲକ ଅନ୍ତର୍ଗତ ଗୁଡ଼ିଆଲିପଦର ପଞ୍ଚାୟତର ଇଚ୍ଛାପୁର ଗ୍ରାମଠାରେ ଏକ ବିଶାଳ ସାଧାରଣ ସଂକଳ୍ପ ସମାବେଶ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ସେଠାରେ ଏକ ହଜାରରୁ ଅଧିକ ବିଜେଡି କର୍ମୀ ଉପସ୍ଥିତ ଥିଲେ। ଉକ୍ତ ସମାବେଶରେ କଳାହାଣ୍ଡି ସାଂସଦ ପ୍ରାର୍ଥୀ ଲମ୍ବୋଦର ନିଆଲ ଯୋଗଦେଇ ଅଭିଭାଷଣ ରଖିଥିଲେ। ବିଧାୟିକା ପ୍ରାର୍ଥିନୀ ଲଳିତା ନାଏକ ନବୀନ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସଂପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ମାଆମାନଙ୍କ ହୁଳହୁଳି ଓ ଶଙ୍ଖ ନାଦରେ ଚତୁଃପାର୍ଶ୍ୱ ପ୍ରକମ୍ପିତ ହୋଇଉଠିଥିଲା। ଉକ୍ତ କର୍ମୀ ସମ୍ମିଳନୀରେ ଗୁଡ଼ିଆଲିପଦର, ଦେପୁର, ମେଦିନପୁର, ଉଦେପୁର, କମଠନା, ସିରିପୁର, ଲକ୍ଷ୍ମୀପୁର, କୁଲିଆମାଲ, ଗଣ୍ଡ ବାରଝୁଲାର ଶତାଧିକ ବିଜେପି ଏବଂ କଂଗ୍ରେସ କର୍ମୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡିରେ ସାମିଲ ହୋଇଥିଲେ। ସାଂସଦ ପ୍ରାର୍ଥୀ ଲମ୍ବୋଦର ନିଆଲ ଏବଂ ବିଧାୟିକା ପ୍ରାର୍ଥିନୀ ଲଳିତା ନାଏକ ନୂତନ କର୍ମୀଙ୍କୁ ଦଳୀୟ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ମଞ୍ଚରେ ପ୍ରାର୍ଥୀମାନଙ୍କ ସହିତ ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକ, ଜିଲ୍ଲା ମହାସଚିବ ଭବାନୀଶଙ୍କର ମିଶ୍ର, ଜିଲ୍ଲା ଯୁବ ସଭାପତି ଆଦିତ୍ୟ ନନ୍ଦ, ଜିଲ୍ଲା ବରିଷ୍ଠ ଉପସଭାପତି ଜିତେନ୍ଦ୍ର ମହାନ୍ତି, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ସଦସ୍ୟ ଅବିନାଶ ଠାକୁର, ଭବାନୀପାଟଣା ଜୋନ୍ ୪ନଂ ଜିଲ୍ଲା ପରିଷଦ ସଦସ୍ୟା ଲକ୍ଷ୍ମୀ ସାହୁ, କର୍ଲାପଡ଼ା ଜୋନ୍ ଜିଲ୍ଲା ପରିଷଦ ସଦସ୍ୟ ଦୟାନିଧି ନାଏକ, ଜିଲ୍ଲା ସାଧାରଣ ସମ୍ପାଦକ ଧର୍ମେନ୍ଦ୍ର ନାଏକ, 'ନବୀନ ଓଡ଼ିଶା' ସଂଯୋଜକ ବଦ୍ରି ପଟ୍ଟନାୟକ, ନିର୍ବାଚନ ମଣ୍ଡଳୀ ସଭାପତି ସୁରେନ୍ଦ୍ର ପ୍ରଧାନ, ଜିଲ୍ଲା ସାଧାରଣ ସମ୍ପାଦକ ଯଯାତି ନାଏକ, ବ୍ଲକ ବିଜେଡି ସଭାପତି ପ୍ରେମରଞ୍ଜନ ପାଣିଗ୍ରାହୀ, ନଗର ସଭାପତି ଧବଳେଶ୍ୱର ମହାପାତ୍ର, ବରିଷ୍ଠ ସମାଜସେବୀ ଟୁଟୁ ପଟ୍ଟନାୟକ, ନଗର ଯୁବ ସଭାପତି ପୀତବାସ ବେହେରା, ଜିଲ୍ଲା ଆଇଟି ମୁଖ୍ୟ ସତ୍ୟବ୍ରତ ଦାଶ, ବ୍ଲକ ମହିଳା ସଭାନେତ୍ରୀ ପ୍ରଗତି ନାଏକ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଜିଲ୍ଲା ମହିଳା ସମ୍ପାଦିକା ରୀନା ସାହୁ, ମେଦିନପୁର ସରପଞ୍ଚ ଗୌରୀଶଙ୍କର ମିଶ୍ର, ଉଦେପୁର ସରପଞ୍ଚ ପ୍ରମୋଦ ଯୋଶୀ, ସମସ୍ତ ପଞ୍ଚାୟତ ସଭାପତି ଶୂନ୍ୟ ମଙ୍ଗରାଜ, ପଞ୍ଚାନନ ଦାଶ, ମୋତିଲାଲ, ଯଶୋବନ୍ତ ପଟ୍ଟନାୟକ, ମୋହନ ପଟ୍ଟନାୟକ, ପୁରନ୍ଦର କରୁଆଁ, ଆଶୁତୋଷ ମିଶ୍ର, ଟଙ୍କଧର ପ୍ରମୁଖ ଉପସ୍ଥିତ ଥିଲେ।

## ଖଡ଼ିଆଳ ବିଜେଡିରେ ମିଶ୍ରଣ ପର୍ବ




**ନୂଆପଡ଼ା/ଖଡ଼ିଆଳ,୧୯।୪(ସମିସ):** ନିର୍ବାଚନୀ ତିଥି ଯେତିକି ଯେତିକି ପାଖେଇ ଆସୁଛି ଅନ୍ୟାନ୍ୟ ଦଳର ନେତା ଓ କର୍ମୀମାନେ ସେତିକି ବିଜେଡି ମୁହାଁ ହେଉଛନ୍ତି। ଖଡ଼ିଆଳସ୍ଥିତ ବିଜେଡ଼ି କାର୍ଯ୍ୟାଳୟରେ ବୋଡ଼େନ ବ୍ଲକ ପଲସଦା ସରପଞ୍ଚ ଚାତୁରୀ ବେହେରା ଓ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ସରପଞ୍ଚ କୃଷ୍ଣଚନ୍ଦ୍ର ବେହେରା ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ଖଡିଆଳ ନିର୍ବାଚନ ମଣ୍ଡଳୀ ବିଧାୟକ ପ୍ରାର୍ଥୀ ଅଧୀରାଜ ମୋହନ ପାଣିଗ୍ରାହୀଙ୍କ ଉପସ୍ଥିତିରେ ଉଭୟ ବିଧିବଦ୍ଧ ଭାବେ ଯୋଗଦାନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ପୂର୍ବତନ ସରପଞ୍ଚ ବେହେରା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡିକୁ ଆପଣେଇଥିବା କହିଛନ୍ତି।

**● ଭିନ୍ନକ୍ଷମ ଯୁବତୀଙ୍କୁ ଦୁଷ୍କର୍ମ**

## ଅଭିଯୁକ୍ତ ଯୁବକ ଜେଲ ଗଲେ

**କୋକସରା,୧୯।୪(ସମିସ):** କୋକସରା ଥାନା ଅଞ୍ଚଳର ଜଣେ ୨୩ ବର୍ଷିୟା ଭିନ୍ନକ୍ଷମ ଯୁବତୀଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗରେ ଶୁକ୍ରବାର ଜଣେ ଯୁବକଙ୍କୁ ପୁଲିସ କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି। ସମ୍ପୃକ୍ତ ଯୁବକ ରାବଣଗୁଡା ଗ୍ରାମର ନିଳାମ୍ବର ଚିଲାଗୁଣ(୨୩) ବୋଲି ଜଣାପଡ଼ିଛି। ଅଭିଯୋଗ ଅନୁସାରେ ଏହି ଥାନା ଅଞ୍ଚଳର ଜଣେ ଭିନ୍ନକ୍ଷମ ଯୁବତୀଙ୍କୁ ନିଳାମ୍ବର ଦୁଷ୍କର୍ମ କରିଥିବା ନେଇ ଝିଅର ପରିବାର ପକ୍ଷରୁ ଗତ ମାର୍ଚ୍ଚ ୨୪ ତାରିଖରେ କୋକସରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ତେବେ ନିଳାମ୍ବର ଫେରାର ହୋଇଯାଇଥିଲା। ଗତକାଲି ପୁଲିସ ତାଙ୍କୁ ଗିରଫ କରି ପଚରାଉଚରା ପରେ ଶୁକ୍ରବାର ଡାକ୍ତରୀ ମାଇନା କରି କୋର୍ଟ ଚାଲାଣ କରିଛି।

# ପ୍ରଶାସନିକ ଅଧିକାରୀଙ୍କ ସହ ନିର୍ବାଚନ ବ୍ୟୟ ପର୍ଯ୍ୟବେକ୍ଷକଙ୍କ ଆଲୋଚନା

**ନୂଆପଡ଼ା, ୧୯।୪(ସମିସ):** ସାଧାରଣ ନିର୍ବାଚନ ସକାଶେ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଜିଲ୍ଲାରେ ରାଜନୈତିକ ଗତିବିଧି ସକ୍ରିୟ ହୋଇପଡ଼ିଛି। ଏଠାରେ ନିର୍ବାଚନ କମିସନଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ପରିଚାଳନା ବ୍ୟବସ୍ଥାକୁ ସୁନିୟନ୍ତ୍ରିତ କରିବାକୁ ପ୍ରଶାସନ ଅଣ୍ଟା ଭିଡ଼ିଛି। ନୂଆପଡ଼ା ଜିଲ୍ଲାର ଦୁଇ ନିର୍ବାଚନମଣ୍ଡଳୀ ନୂଆପଡ଼ା ଏବଂ ଖଡ଼ିଆଳ ନିର୍ବାଚନ ମଣ୍ଡଳୀରେ ଆୟ ବ୍ୟୟ ସ୍ଥିତି ଦେଖିବାକୁ ବ୍ୟୟ ପର୍ଯ୍ୟବେକ୍ଷକ ମଣିଶଙ୍କର ବରଦୋଲାଇ ଗସ୍ତ କରିଛନ୍ତି। ସେ ସମସ୍ତ ଦଳର ଖର୍ଚ୍ଚ ଏବଂ ବ୍ୟୟ ଉପରେ ସମୀକ୍ଷା କରିଛନ୍ତି। ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ନିର୍ବାଚନ ସଂକ୍ରାନ୍ତୀୟ ତଥ୍ୟ ଏବଂ ଆବଶ୍ୟକ କାର୍ଯ୍ୟକଳାପ ଉପରେ ନଜର ରଖିବାକୁ ଆହ୍ୱାନ କରି ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ପ୍ରାର୍ଥୀଙ୍କୁ ୪୦ ଲକ୍ଷ ଏବଂ ଲୋକସଭା ନିର୍ବାଚନ ମଣ୍ଡଳୀ ପାଇଁ ୯୦ ଲକ୍ଷ ଟଙ୍କାର ବ୍ୟୟ କରିବା ବ୍ୟବସ୍ଥା ରହିଥିବା କୁହାଯାଇଛି। ବୈଠକରେ ଦୁଇ ନିର୍ବାଚନ ମଣ୍ଡଳୀର ଦାୟିତ୍ୱରେ ଥିବା ସମେତ ସମସ୍ତ ଅଧିକାରୀ ଯୋଗ ଦେଇଥିଲେ।



## ବିଜେପି ପ୍ରାର୍ଥିନୀଙ୍କ ପରିଚୟକୁ ନେଇ ଦ୍ୱନ୍ଦ୍ୱ କରା ନ ଯାଉ

**ଭବାନୀପାଟଣା, ୧୯।୪(ସମିସ):** କଳାହାଣ୍ଡି ମହାରାଜା ହେଉଛନ୍ତି ଅନନ୍ତ ପ୍ରତାପ ଦେଓ ଏବଂ ମହାରାଣୀ ହେଉଛନ୍ତି ରୀତୁଜା କୁମାରୀ ଦେବୀ। ବର୍ତ୍ତମାନ ବିଜେପିର କଳାହାଣ୍ଡି ଲୋକସଭା ପ୍ରାର୍ଥିନୀ ହେଉଛନ୍ତି ପୂର୍ବତନ ଲୋକସଭା ସାଂସଦ ତଥା କୁମାର ସାହେବ ଅର୍କ କେଶରୀ ଦେଓଙ୍କ ପତ୍ନୀ କୁମାର ରାଣୀ ମାଳବିକା ଦେଓ। ତେଣୁ ଗଣ ମାଧ୍ୟମରେ ଦ୍ୱନ୍ଦ୍ୱ ସୃଷ୍ଟି ନ କରିବା ପାଇଁ କଳାହାଣ୍ଡି ରାଜବାଟୀ ପକ୍ଷରୁ ସ୍ପଷ୍ଟ କରାଯାଇଛି। କିଛି ଗଣ ମାଧ୍ୟମରେ ବାରମ୍ବାର କୁମାର ରାଣୀଙ୍କୁ ମହାରାଣୀ ଆଖ୍ୟା ଦିଆଯାଉଥିବା ରାଜ ପରିବାର ପକ୍ଷରୁ କୁହାଯାଇଛି।

## କଳାହାଣ୍ଡିରେ ଗ୍ରୀଷ୍ମ ପ୍ରବାହ, ପାରଦ ଛୁଇଁଲା ୪୨ ଡିଗ୍ରୀ

**ଭବାନୀପାଟଣା, ୧୯।୪(ସମିସ):** ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ୧୦ଟି ସର୍ବାଧିକ ଉତ୍ତପ୍ତ ଜିଲ୍ଲା ମଧ୍ୟରେ କଳାହାଣ୍ଡି ଅନ୍ୟତମ। ଶୁକ୍ରବାର ସକାଳ ସାଢ଼େ ୮ଟାରେ ପାଣିପାଗ ବିଭାଗର ରେକର୍ଡ ମୁତାବକ ରାଜ୍ୟର ସର୍ବାଧିକ ତାପମାତ୍ର ଭବାନୀପାଟଣା ସହରରେ ୩୪.୮ ଡିଗ୍ରୀ ରେକର୍ଡ କରାଯାଇଛି। ଅପରାହ୍ଣ ୨ଟା ୩୦ ବେଳକୁ ମାତ୍ରାଧିକ ତାପମାତ୍ରା ଜନଜୀବନକୁ ଅସ୍ତବ୍ୟସ୍ତ କରିଛି। ଏହି ସମୟରେ ୪୨ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ଏଭଳି ତାପମାତ୍ରା ଆଗାମୀ ୩ଦିନ ପର୍ଯ୍ୟନ୍ତ ଜାରି ରହିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ପାଣିପାଗ ବିଭାଗ ପକ୍ଷରୁ ଆସନ୍ତା ତିନିଦିନ ପାଇଁ କଳାହାଣ୍ଡି ଜିଲ୍ଲାକୁ ଗ୍ରୀଷ୍ମ ପ୍ରବାହ ନେଇ ୟେଲୋ ଓ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ସ୍ୱାଭାବିକ ତାପମାତ୍ରାରୁ ୩ ଡିଗ୍ରୀରୁ ଅଧିକ ତାପମାତ୍ରା ସହ ଗୁଳୁଗୁଳି ରହିବ। ଏଣୁ ପାଣିପାଗ ବିଭାଗ ଉଚ୍ଚ ତାପମାତ୍ରା ଆଲର୍ଟ ଜାରି କରିଛି। ଏଭଳି ପରିସ୍ଥିତିରେ ଭବାନୀପାଟଣା ସହରରେ ପିଇବା ପାଣି ପାଇଁ ପର୍ଯ୍ୟାପ୍ତ ଜଳଛତ୍ର କରାଯାଇଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

## ଶରତଙ୍କ ସଭାକୁ ଆସିଲେନି ଘାସିରାମଙ୍କ ସମର୍ଥକ



**ନୂଆପଡ଼ା, ୧୯।୪(ସମିସ):** ନିର୍ବାଚନ ସକାଶେ ନାମାଙ୍କନ ପତ୍ର ଦାଖଲ ସକାଶେ ବିଜ୍ଞପ୍ତି ପ୍ରକାଶ ପାଇସାରଛି। ରାଜନୈତିକ ଦଳରେ ଏଥିପାଇଁ ପ୍ରସ୍ତୁତି ଯୋରସୋର ଚାଲିଛି। ଏହିକ୍ରମରେ ବିଜେଡି ବହୁ ଆଗରେ ରହି ମାରାଥନ ପ୍ରଚାର ଚଳାଇଛି। ବିଜେପି ଏବଂ କଂଗ୍ରେସ ନାମାଙ୍କନ ସକାଶେ ତିଥି ବାର ଖୋଜିବାରେ ବ୍ୟସ୍ତ ରହିଛନ୍ତି। ତେବେ ଶୁକ୍ରବାର କଂଗ୍ରେସ ବିଧାୟକ ପ୍ରାର୍ଥୀ ତଥା ରାଜ୍ୟ କଂଗ୍ରେସ ସଭାପତି ଶରତ ପଟ୍ଟନାୟକ ଶୁକ୍ରବାର ସ୍ଥାନୀୟ ଭଇଁଷିମୁଣ୍ଡି ଗାଁରେ ପ୍ରଥମ କର୍ମୀ ସମ୍ମିଳନୀ କରିଥିଲେ। ଏହି ସଭାକୁ କିନ୍ତୁ ବିଦ୍ରୋହୀ ଘାସିରାମ ମାଝିଙ୍କ ସମର୍ଥକ ଆସି ନ ଥିଲେ। କଂଗ୍ରେସର ଟିକଟ ଦାବିଦାର ପୂର୍ବତନ କଂଗ୍ରେସ ସଭାପତ ଶ୍ରୀ ମାଝୀ ଶରତଙ୍କୁ ଆଣ୍ଠେଇବାକୁ ଜୋର ସୋର ପ୍ରୟାସ ଜାରି ରଖିଛନ୍ତି।

## ଗାଁ ଗାଁ ବୁଲି ଭୋଟ ଭିକ୍ଷା କରୁଛନ୍ତି ଘାସିରାମ

**ନୂଆପଡ଼ା,୧୯।୪(ସମିସ):** କଂଗ୍ରେସର ବିଦ୍ରୋହୀ ପ୍ରାର୍ଥୀ ଘାସିରାମ ମାଝି ଏଥର ସ୍ୱାଧୀନ ଭାବେ ନୂଆପଡ଼ା ବିଧାନସଭା ଆସନରୁ ନିର୍ବାଚନ ଲଢୁଛନ୍ତି। ସେ କଂଗ୍ରେସର ଟିକଟ ଆଶାୟୀ ଥିଲେ; ହେଲେ ଦଳ ତାଙ୍କୁ ନିରାଶ କରିଛି। ନିଜେ ପିସିସି ସଭାପତି ଶରତ ପଟ୍ଟନାୟକ ନୂଆପଡ଼ା ବିଧାନସଭା ଆସନରୁ ଏଥର କଂଗ୍ରେସ ଟିକଟରେ ନିର୍ବାଚନ ଲଢୁଛନ୍ତି। ଏଣୁ ଘାସିରାମ ଖପ୍ପା। ତେବେ ଗାଁକୁ ଗାଁକୁ ବୁଲି ଘାସିରାମ ନିଜର ଜାତିସମାଜକୁ ଗାମୁଛା ଧରି ଭୋଟ ଭିକ୍ଷା କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଆଦିବାସୀ ସମାଜ ତରଫରୁ ସ୍ଥାନୀୟ ଟାନୱାଟ, ତୁଲାଭାଟ, ଦର୍ଲିନୁଆପଡ଼ା ଆଦି ଜାଗାରେ ବିଶାଳ ଆଦିବାସୀ ସମାବେଶ ତଥା ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଥିଲା।



## ଯବାନଙ୍କ ଦଶାହରେ ସହାୟତା



**ନୂଆପଡ଼ା, ୧୯।୪(ସମିସ):** ନୂଆପଡ଼ା ଜିଲ୍ଲା ସଦର ବ୍ଲକ ଧରମବନ୍ଧା ଗାଁର ଆଇଆରବି ଯବାନ ସ୍ୱର୍ଗତ ପ୍ରମୋଦ ମାଝୀଙ୍କ ପରିବାରକୁ ପୁଲିସ ବିଭାଗର ଯବାନମାନେ ୬୩ ହଜାର ଟଙ୍କା ସହଯୋଗ କରିଛନ୍ତି। ରୋହିତ ଶବର, ପୁରୁଷୋତ୍ତମ କୈବର୍ତ୍ତ, ମହାଦେବ ଗହୀର, ଅମର ସିଂ ମାଝୀ, କପୁରଚନ ଶବର, କନକ ସିଂ ମାଝୀ, ହୁବେଲାଲ ମାଝୀ ପ୍ରମୁଖ ଯବାନ ସ୍ୱର୍ଗତ ମାଝିଙ୍କ ପତ୍ନୀ ସାମନ୍ତିନୀ ଧରୁଆ, ମାଆ ସତ୍ୟଭାମା ମାଝୀ, ପିତା ପୁରୁଷୋତମ ମାଝୀଙ୍କୁ ଭେଟି ସହାୟତା ଦେବା ସହ ସମବେଦନା ଜଣାଇଥିଲେ। ସୂଚନାଯୋଗ୍ୟ, ପ୍ରମୋଦ ତାମିଲନାଡୁରେ କାର୍ଯ୍ୟରତ ଥିବା ସମୟରେ ଏକ ଦୁର୍ଘଟଣାରେ ମୃତ୍ୟୁ ଘଟିଛି।

## ଓମ୍‌ସାଇ ଦ୍ୱାରକାମାୟୀ ଆଶ୍ରମରେ ବାବାଙ୍କ ପବିତ୍ର ଚଭାଡ଼ି ଯାତ୍ରା

**ଭବାନୀପାଟଣା, ୧୯।୪ (ସମିସ):** ଭବାନୀପାଟଣା ରେଡକ୍ରସ କଲ୍ୟାଣ ମଣ୍ଡପ ସମ୍ମୁଖରେ ଥିବା ଶ୍ରୀ ଶ୍ରୀ ଶିରିଡି ସାଇବାବାଙ୍କ ଓମ୍ ସାଇ ଦ୍ୱାରକାମାୟୀ ଆଶ୍ରମରେ ଏକ ଭକ୍ତିମୟ ପରିବେଶ ମଧ୍ୟରେ ବାବାଙ୍କ ପ୍ରିୟ ପର୍ବ ଶ୍ରୀରାମ ନବମୀ ଉତ୍ସବ ମହାସମାରୋହରେ ପାଳିତ ହୋଇ ଯାଇଅଛି। ଏହି ଉପଲକ୍ଷେ ବାବା ଆଶ୍ରମରୁ ଏକ ମନୋଜ୍ଞ ଚଭାଡି ଯାତ୍ରା ଅପରାହ୍ନରେ ବାହାରି ସହରର ବିଭିନ୍ନ ରାସ୍ତା ଦେଇ ଆଶ୍ରମକୁ ଫେରିଥିଲା। ସହରର ଅନ୍ୟତମ ସାଇ ଶ୍ରଦ୍ଧାଳୁ ପ୍ରମୋଦ ଖମାରୀ ଓ ତାଙ୍କ ଧର୍ମପତ୍ନୀ ଶ୍ରୀ ସାଇବାବାଙ୍କୁ ପାରମ୍ପରିକ ନୀତିକାନ୍ତି ଅନୁଯାୟୀ ମନ୍ଦିରରୁ ଆଣି ପାଲିଙ୍କିରେ ବିଜେ କରାଇଥିଲେ। ଏହି ଚଭାଡି ଯାତ୍ରାରେ ସାଇବାବାଙ୍କ ହଜାର ହଜାର ଶ୍ରଦ୍ଧାଳୁ ବିଶେଷକରି ମହିଳାମାନେ ଅଂଶଗ୍ରହଣ କରିଥିଲେ। ବାବାଙ୍କ ପାଲିଙ୍କି ସମ୍ମୁଖ ଭାଗରେ ଶ୍ରଦ୍ଧାଳୁମାନେ ରାସ୍ତାକୁ ପାଣି ପକାଇ ଧୋଇବା ସହ ଝାଡୁ ମାରିବା ଓ ଫୁଲ ବିଞ୍ଚୁଥିବାର ଅପୂର୍ବ ଦୃଶ୍ୟ ଦେଖିବାକୁ ମିଳିଥିଲା। ଏହି ଦେବ ଶୋଭାଯାତ୍ରାକୁ ରାସ୍ତାର ଉଭୟ ପାର୍ଶ୍ୱରେ ଶହଶହ ଭକ୍ତ ଦର୍ଶନ କରିଥିବା ବେଳେ ବିଭିନ୍ନ ସ୍ଥାନରେ ଘର ନିକଟରେ ପୂଜା ଅର୍ଚ୍ଚନାରେ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ପବିତ୍ର ଘୃତଯଜ୍ଞରେ କର୍ତ୍ତା ଭାବେ ସାଇ ଭକ୍ତ ପ୍ରବୀର ସାହାଣୀ ଓ ଲତିକା ସାହାଣୀ ଉପସ୍ଥିତ ଥିଲାବେଳେ ମନ୍ଦିର ପୂଜକ ଘାସିରାମ ଶତପଥୀ ଯଜ୍ଞ କାର୍ଯ୍ୟ ସମ୍ପାଦନ କରିଥିଲେ।



## ରିଷିଡ଼ାରେ ବିଜେଡି କାର୍ଯ୍ୟାଳୟ ଉଦ୍‌ଘାଟିତ

**କର୍ଲାମୁଣ୍ଡା, ୧୯।୪(ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ରିଷିଡାଠାରେ ଶୁକ୍ରବାର ବିଜୁ ଜନତାଦଳର କାର୍ଯ୍ୟାଳୟ ଉଦଘାଟିତ ହୋଇଯାଇଛି। ରାଜ୍ୟ ମହିଳା ବିଜେଡି କାର୍ଯ୍ୟକାରିଣୀ ସଦସ୍ୟା ତଥା ରିଷିଡା ସରପଞ୍ଚ ସେବତୀ ରଣା ଏହା ଉଦଘାଟନ କରିବା ସହ ବିଜୁ ବାବୁଙ୍କ ଫଟୋଚିତ୍ରରେ ପୂଜାର୍ଚ୍ଚନା କରିଥିଲେ। ବିଜେଡି ସଭାପତି ନାରାୟଣ ରଣାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବରିଷ୍ଠ ନେତା ଅନ୍ତର୍ଯ୍ୟାମୀ ସାହୁ, ନନ୍ଦକିଶୋର ରଣା, ନଥୁରାମ ରଣା, ସଚ୍ଚିଦାନନ୍ଦ ନାଏକ, ଘାସିରାମ ସୁନା, ଭୋଳାନାଥ ମହାନନ୍ଦ, ସ୍ୱାଗତ ଭୋଇ, ଶିବଲାଲ କେଡ଼ିଆ, ନେମିଚାନ୍ଦ ଜୈନ, ସମିତି ସଭ୍ୟ ନିମାଇଁ ଚରଣ ବେହେରା, ଛାତ୍ର ବିଜେଡି ସଭାପତି ସଲିମ ଶେଖର ରଣା, ଯୁବ ବିଜେଡି ଡିଜିଟାଲ ସଂଯୋଜକ ତ୍ରିଶଙ୍କ ରଣା, ବବଲୁ ଦଣ୍ଡସେନା, ନରେଶ ଦାସ ପ୍ରମୁଖ ଯୋଗଦେଇ ମତାମତ ଦେଇଥିଲେ। ବିଧାୟକ ପ୍ରାର୍ଥିନୀ ମନୋରମା ମହାନ୍ତି ଭିଡିଓ କନଫରେନ୍ସ ଯୋଗେ ଯୋଡି ହୋଇ ବକ୍ତବ୍ୟ ରଖିଥିଲେ।

## ୪୩ ଡିଗ୍ରୀ ତାପମାତ୍ରା ପ୍ରଭାବରେ ଲୋକେ କଲବଲ

# ଦିନ ୧୦ ବାଜିଲେ ଜନଶୂନ୍ୟ

**କୋମନା, ୧୯।୪(ସମିସ)**

ଗ୍ରୀଷ୍ମର ପ୍ରାରମ୍ଭରେ ହିଁ ଜଳୁଛି ସହର। ଏଥିପାଇଁ ସକାଳ ୧୦ଟାରେ ରାସ୍ତାଘାଟ ଜନଶୂନ୍ୟ ହେବାରୁ ସହର ଖାଁ ଖାଁ ହେବା ସହ ଦୋକାନ ବଜାର ବନ୍ଦ ହୋଇ ଯାଉଛି। ଅପରପଟେ ଲୋକଙ୍କ ପାଇଁ ରାସ୍ତାରେ ଆବଶ୍ୟକ ମାତ୍ରାର ଜଳଛତ୍ର ମଧ୍ୟ ଖୋଲାଯାଇ ନାହିଁ। ଏହାଦ୍ୱାରା ଲୋକେ ପାନୀୟ ଜଳ ପାଇଁ ମଧ୍ୟ ଡହକବିକଳ ହେଉଛନ୍ତି। ଗତ ଦୁଇ ଦିନ ହେବ କୋମନା ଅଞ୍ଚଳରେ ତାପମାତ୍ରା ୪୩ ଡିଗ୍ରୀକୁ ଛୁଇଁଛି। ଅନ୍ୟପଟେ କୋମନା ବ୍ଲକ ହେଡକ୍ୱାର୍ଟରକୁ ବିଭିନ୍ନ କାମରେ ସୁନାବେଡା ଅଭୟାରଣ୍ୟ ଭଳି ଦୂର ସ୍ଥାନରୁ ଲୋକେ ଆସଛନ୍ତି। ଲଖନା, କୁରୁମପୁରୀ, ତରବୋଡ, ଧରମପୁର, ପେଣ୍ଡ୍ରାବନ୍ଦ, ଗଣ୍ଡାମେର, ତରବୋଡ, ଦେଓଧରା, ମାଲପଡ଼ା ଭଳି ଦୂର ସ୍ଥାନରୁ କୋମନା ପଞ୍ଚାୟତ କଲେଜକୁ ପାଠ ପଢ଼ିବାକୁ ଆସି ଖରାରେ ସାଇକଲରେ ଛାତ୍ରଛାତ୍ରୀ ଘରକୁ ଫେରୁଛନ୍ତି।



### ସେମାନେ ଯାହା କହନ୍ତି...



ଗତ ୩ ଦିନ ହେଲା ପ୍ରବଳ ଖରା ଜଣା ପଡୁଛି। ୧୦ ବାଜିଲେ ବଜାର ଜନଶୂନ୍ୟ ହୋଇଯାଉଛି। ଏଣୁ ଦୋକାନ ବଜାର ୧୧ ଟାରେ ବନ୍ଦ କରିବାକୁ ବାଧ ହେଉଛୁ। ବ୍ୟବସାୟରେ ଖରା ବାଧା ସାଜିଛି।

**ଅନୀଲ ପାଠକ, ବ୍ୟବସାୟୀ**



ଅନ୍ୟ ବର୍ଷ ଅପେକ୍ଷା ଚଳିତ ବର୍ଷ ପ୍ରଚଣ୍ଡ ତାତି ଦେଉଥିବା ଅନୁମାନ ହେଉଛି। ମୁଣ୍ଡରେ ଗାମୁଛା ନ ଦେଲେ ଘରୁ ବାହାରକୁ ବାହାରି ହେଉନାହିଁ। ମୁଁ କୋମନା ବ୍ଲକ କାର୍ଯ୍ୟାଳୟକୁ ଆବାସ ଗୃହ ସମ୍ବନ୍ଧୀୟ ସୂଚନା ଜାଣିବା ପାଇଁ ୩୦ କିଲୋମିଟର ଦୂରରୁ ଆସିଥିଲି। ବସ୍ ଧରି ଘରେ ପହଞ୍ଚିବା ବେଳକୁ ମଧ୍ୟାହ୍ନ ହୋଇଯିବ। ଟାଣ ଖରା ଖୁବ୍ ବାଧୁଛି।

**କୁଶଳ ମାଝୀ, ଜଟଗଡ଼, ଭରୁଆମୁଣ୍ଡା**



ଆମେ କାମ ନ କଲେ ଚୂଲି ଜଳେନି। ଏବର୍ଷ ପ୍ରଚଣ୍ଡ ଖରା ଜଣା ପଡୁଛି। ଏହା ଦ୍ୱାରା ଅଧିକ ସମୟ କାମ କରି ହେଉନାହିଁ। କାମ କରିବା ତ ଦୁରର କଥା। ଦିନ ୧୧ ଟା ହେଲେ ରାସ୍ତାରେ ଚାଲିବା ସମ୍ଭବ ହେଉ ନାହିଁ। ଏଣୁ ଅଂଶୁଘାତକୁ ଦୃଷ୍ଟିରେ ରଖି ପ୍ରଶାସନ ବିଭିନ୍ନ ପ୍ରକାର ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ ରହିଛି।

**ଖଗେଶ୍ୱର ସରାଫ, କୋମନା**



ପେଟ ପୋଷଣ ପାଇଁ ମୁଣ୍ଡ ଝାଳ ତୁଣ୍ଡରେ ଦେବାକୁ ପଡୁଛି। ଏତେ ଖରା ସତ୍ତ୍ୱେ ଆମକୁ ଏହି ଟାଣ ଖରାରେ କାମ କରିବାକୁ ପଡୁଛି। ଏଣୁ ଏହି ଖରା ସମୟରେ ଗରିବ ଲୋକଙ୍କୁ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇଦେବା ଜରୁରୀ।

**ଅରୁଣ ବାଗ, କୋମନା**

### ବୌଦ୍ଧ ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ପୁଣି କେଳେଙ୍କାରୀ

# ମହିଳା ଶ୍ରମିକଙ୍କ ମୃତ୍ୟୁକାଳୀନ ସହାୟତା ପାଇଁ ତଞ୍ଚକତା

**ବୌଦ୍ଧ, ୧୯ ।୪(ସମିସ)**

ବୌଦ୍ଧ ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ପୁଣି ଏକ କେଳେଙ୍କାରୀ ସାମ୍ନାକୁ ଆସିଛି । ପ୍ରମାଣପତ୍ର ଜାଲିଆତି କରି ମୃତ୍ୟୁକାଳୀନ ସରକାରୀ ସହାୟତା ଅର୍ଥ ହଡପ କରିବାକୁ ଯୋଜନା ହୋଇଛି । ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ରକ୍ସା ପଞ୍ଚାୟତ ଖଲିଆପାଲି ଗ୍ରାମର ଯଶୋବନ୍ତୀ ମେହେର ନାମ୍ନୀ ଜଣେ ପଞ୍ଜିକୃତ ନିର୍ମାଣ ଶ୍ରମିକଙ୍କ ନାଁରେ ଏହି ସହାୟତା ହଡପ କରିବାକୁ ଷଡଯନ୍ତ୍ର କରାଯାଇଛି ।

୨୦୨୨ ନଭେମ୍ବର ୨୦ ତାରିଖରେ ତାଙ୍କର ମୃତ୍ୟୁ ଘଟିଛି; ଯାହାକି ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଦ୍ୱାରା ପ୍ରଦତ୍ତ ମୃତ୍ୟୁ ପ୍ରମାଣପତ୍ରରେ ସ୍ପଷ୍ଟ ଉଲ୍ଲେଖ ରହିଛି । ରାଜ୍ୟ ସରକାରଙ୍କ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ଅନୁଯାୟୀ ମୃତ ନିର୍ମାଣ ଶ୍ରମିକଙ୍କ ଉତ୍ତରାଧିକାରୀଙ୍କୁ ସାଧାରଣ ମୃତ୍ୟୁ ପାଇଁ ୨ ଲକ୍ଷ ଟଙ୍କା ଏବଂ କାର୍ଯ୍ୟ ସ୍ଥଳରେ ଦୁର୍ଘଟଣା ଜନିତ ମୃତ୍ୟୁ ପାଇଁ ୪ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ଦିଆଯିବାର ବ୍ୟବସ୍ଥା ରହିଛି । ଏହି ଅନୁକମ୍ପା ରାଶି ପାଇବା ପାଇଁ ତାଙ୍କ ସ୍ୱାମୀ ଝସକେତନ ମେହେରଙ୍କ ତରଫରୁ ଅନ୍‌ଲାଇନ୍‌ରେ ଆବେଦନ କରାଯାଇଛି । ଆବେଦନ ପତ୍ରର ତଥ୍ୟ ଅନୁସାରେ ସମ୍ପୃକ୍ତ ମହିଳା ଶ୍ରମିକଙ୍କ ହୃଦକ୍ରିୟା ଜନିତ ସମସ୍ୟାରେ ଘରେ ମୃତ୍ୟୁ ଘଟିଥିବା ଦର୍ଶାଇ ୨ ଲକ୍ଷ ଟଙ୍କା ଅନୁକମ୍ପା ରାଶି ପାଇବା ପାଇଁ ଆବେଦନ ହୋଇଛି । ନିର୍ମାଣ ଶ୍ରମିକଙ୍କ ଶ୍ରମିକ କାର୍ଡ ପ୍ରତି ବର୍ଷ ନବୀକରଣ ହେଉଥିବା ସ୍ଥଳେ ନିୟମ ଅନୁଯାୟୀ ୩ ବର୍ଷ ଲଗାତାର ଶ୍ରମିକ କାର୍ଡ ନବୀକରଣ କରିଥିବା ଏବଂ ବୈଧ ଶ୍ରମିକ କାର୍ଡ ଥିବା ଜଣେ ନିର୍ମାଣ ଶ୍ରମିକ ମୃତ୍ୟୁ କାଳୀନ ଅନୁକମ୍ପା ରାଶି ପାଇବାକୁ ହକଦାର ହୋଇଥାନ୍ତି ।

ସମ୍ପୃକ୍ତ ନିର୍ମାଣ ଶ୍ରମିକ ୨୦୧୮ ଜୁନ୍‌ରେ ପଞ୍ଜିକୃତ ହୋଇଥିବା ବେଳେ ୨୦୨୨ ନଭେମ୍ବର ୨୦ ତାରିଖରେ ମୃତ୍ୟୁ ସମୟରେ ତାଙ୍କର ଶ୍ରମିକ କାର୍ଡ ବୈଧ ନ ଥିଲା । ତେଣୁ ମୃତ୍ୟୁକାଳୀନ ସହାୟତା ଆବେଦନ ପତ୍ରରେ ତଞ୍ଚକତା କରାଯାଇ ମୃତ୍ୟୁ ତାରିଖ ୨୦୧୯ ସେପ୍ଟେମ୍ବର ୨୨ ତାରିଖ ଦର୍ଶାଯାଇଛି ।

## ମୃତ୍ୟୁ ପ୍ରମାଣପତ୍ରରେ ଜାଲିଆତି

ନିୟମତଃ ସେ ସରକାରଙ୍କ ନିର୍ମାଣ ଶ୍ରମିକ ମୃତ୍ୟୁ କାଳୀନ ସହାୟତା ପାଇବା ପାଇଁ ଅଯୋଗ୍ୟ; ହେଲେ ସରକାରୀ ଅର୍ଥ ହଡପ କରିବା ଉଦ୍ଦେଶ୍ୟରେ ଆବେଦନ ପତ୍ରରେ ୨୦୨୨ ନଭେମ୍ବର ବଦଳରେ ୨୦୧୯ ସେପ୍ଟେମ୍ବରରେ ମୃତ୍ୟୁ ଘଟିଥିବା ଦର୍ଶାଯାଇଛି ।

ଅଯୋଗ୍ୟଙ୍କୁ ଯୋଗ୍ୟ ବିବେଚିତ କରିଛି ଜିଲ୍ଲା ଶ୍ରମ କାର୍ଯ୍ୟାଳୟ । ସବୁଠାରୁ ବଡ଼ ଆଶ୍ଚର୍ଯ୍ୟର ବିଷୟ ଏହା ଯେ, ଜିଲ୍ଲା ଶ୍ରମ ଅଧିକାରୀ ଏହି ଆବେଦନକୁ କେବଳ ସ୍ୱୀକାର କରିଛନ୍ତି ତାହା ନୁହଁ; ବରଂ ଏହି ଆବେଦନ ପତ୍ରକୁ ୨୦୨୪ ଫେବୃଆରୀ ୧ ତାରିଖରେ ଅନୁମୋଦନ କରିବା ସହ ଜିଲ୍ଲାପାଳଙ୍କ ନିକଟକୁ ଟଙ୍କା ରିଲିଜ୍ କରିବା ପାଇଁ ମଧ୍ୟ ସୁପାରିସ କରିଛନ୍ତି । ତେବେ ଏଭଳି ଆବେଦନ ହେବା ପରେ ଜିଲ୍ଲା ଶ୍ରମ ଅଧିକାରୀ, ସହାୟକ ଶ୍ରମ ଅଧିକାରୀ କିମ୍ବା ଶ୍ରମ ନିରୀକ୍ଷକ କ୍ଷେତ୍ର ପରିଦର୍ଶନ କରିବା କଥା । ସ୍ଥାନୀୟ ଆଶା କର୍ମୀ, ଅଙ୍ଗନବାଡି କର୍ମୀ, ନିର୍ବାଚିତ ପ୍ରତିନିଧିମାନଙ୍କ ମତାମତ ନେବା ଆବଶ୍ୟକ । ମୃତ୍ୟୁ ପ୍ରମାଣପତ୍ର ପ୍ରଦାନ କରିଥିବା କାର୍ଯ୍ୟାଳୟ ସହ ଯୋଗାଯୋଗ କରିବା ଜରୁରି । ସତ୍ୟାସତ୍ୟ ଯାଞ୍ଚ କରି ଆବେଦନ ପତ୍ର ଅନୁମୋଦନ କରିବାକୁ ମାର୍ଗଦର୍ଶିକା ରହିଛି । ଏଣୁ ଜିଲ୍ଲା ଶ୍ରମ ଅଧିକାରୀ ପ୍ରକୃତରେ ମାର୍ଗଦର୍ଶିକା ଅନୁସରଣ କରୁଛନ୍ତି ନା ଏହି ଘୋଟାଲାରେ ସାମିଲ ଅଛନ୍ତି ତାହା ପ୍ରଶ୍ନ ସୃଷ୍ଟି କରୁଛି । ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ସକ୍ରିୟ ଥିବା କିଛି ଦଲାଲ ରୂପି ଶ୍ରମିକ ସଙ୍ଗଠନ ତଞ୍ଚକତା କରି ଶ୍ରମ କାର୍ଯ୍ୟାଳୟର ଅଧିକାରୀ, କର୍ମଚାରୀଙ୍କ ସହଯୋଗରେ ବିଭିନ୍ନ ଅନୈତିକ କାର୍ଯ୍ୟ କରି ଶ୍ରମିକଙ୍କୁ ଶୋଷଣ କରୁଥିବାର ମାଳ ମାଳ ଅଭିଯୋଗ ରହିଛି । ଗତ ବର୍ଷ ତତ୍କାଳୀନ ଜିଲ୍ଲାପାଳ ଶ୍ରମ କାର୍ଯ୍ୟାଳୟର ଜଣେ କର୍ମଚାରୀଙ୍କୁ ଏଥିପାଇଁ ବରଖାସ୍ତ କରିଥିବା ନଜିର ରହିଛି ।

ଅପରପକ୍ଷରେ ଶ୍ରମ କାର୍ଯ୍ୟାଳୟରେ ଚାଲିଥିବା ଅନୈତିକ କାର୍ଯ୍ୟ ସମ୍ପର୍କରେ ଗଣମାଧ୍ୟମରେ ବାରମ୍ବାର ପ୍ରକାଶିତ ହେବା ସତ୍ତ୍ୱେ ଏଥିପ୍ରତି ଜିଲ୍ଲା ପ୍ରଶାସନିକ ମୁଖିଆ କଠୋର କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ସମ୍ପୂର୍ଣ୍ଣ ଉଦାସୀନ । ତେବେ ଏ ସମ୍ପର୍କରେ ବାରମ୍ବାର ଛୁଟିରେ ରହୁଥିବା ଜିଲ୍ଲା ଶ୍ରମ ଅଧିକାରୀ ସୁଶାନ୍ତ ପାଇକରାୟ ସୋମବାର କାର୍ଯ୍ୟରେ ଯୋଗ ଦେବା ପରେ ଯାଇ ମତାମତ ଦେଇପାରିବେ ବୋଲି କହିଛନ୍ତି ।

## କୁନି ହାତରେ ସ୍ୱଚ୍ଛତାର ପ୍ରୟାସ



**ଶଗଡ଼ା, ୧୯ ।୪(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ବରଗାଁ ପଞ୍ଚାୟତ ସୌରୀବେଙ୍ଗେସ୍ ଗ୍ରାମର ନାବାଳକ ଲୋକନାଥ କର୍ମୀ ତାଙ୍କ କୁନି ହାତରେ ସ୍ୱଚ୍ଛତା ଲାଗି ପ୍ରୟାସ କରିଛନ୍ତି । ନଳକୂପ ଡ୍ରେନରେ ଦୀର୍ଘଦିନ ହେଲା ଅନେକ ଅଳିଆ ଆବର୍ଜନାରେ ଭର୍ତ୍ତି ହୋଇ ଦୁର୍ଗନ୍ଧ ହେଉଥିଲା । ସରକାର ସ୍ୱଚ୍ଛ ଭାରତ ମିଶନ ନାମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ସ୍ୱଚ୍ଛତା ଆଣିବାକୁ ପ୍ରୟାସ ଜାରି ରଖିଛନ୍ତି । ଏହାକୁ ସେ ମର୍ମେ ମର୍ମେ ବୁଝୁଛନ୍ତି । ନଳକୂପ ଡ୍ରେନରେ ଥିବା ଅଳିଆ ଆବର୍ଜନା ସବୁ ନିଜେ କୋଦାଳ ଧରି ସଫା କରୁଛନ୍ତି । ଦୁର୍ଗନ୍ଧ ସହି ନ ପାରି ସେ କୋଡ଼ି ସାହାଯ୍ୟରେ ନଳକୂପ ଡ୍ରେନ୍ ସଫା କରିଛନ୍ତି । ଏଠାରେ ପ୍ରଶ୍ନ ଉଠୁଛି ଯେ ପ୍ରତିବର୍ଷ ଗାଁ ସଫେଇ କରିବା ପାଇଁ ଗାଁ କଲ୍ୟାଣ ସମିତି ମାଧ୍ୟମରେ ସରକାର ଆର୍ଥିକ ସହାୟତା ଯୋଗାଇ ଦେଇ ଆସୁଥିବା ବେଳେ ଗ୍ରାମରେ ସଫେଇ ହେଉ ନ ଥିବାରୁ ଟଙ୍କା କୁଆଡେ ଗଲା ବୋଲି ଗ୍ରାମବାସୀ ପ୍ରଶ୍ନ ଉଠାଇଛନ୍ତି ।

# ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ





**ବୀରମହାରାଜପୁର, ୧୯ ।୪(ସମିସ):** ବୀରମହାରାଜପୁର ବିଜୁ ଜନତା ଦଳ ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ଉପଖଣ୍ଡର ଉଦେପଦରରେ ପାଳିତ ହୋଇଛି ।

ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା, ବୀରମହାରାଜପୁର ବିଜେଡି ବ୍ଲକ ସଭାପତି ଶୟମ୍ଭୁନାଥ ଖଣ୍ଡଗିରି, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଝସକେତନ ବଘାର, ବିନିକା ବ୍ଲକ ସଭାପତି ଦ୍ୱାରିକା ସାହୁ, ନଗର ସଭାପତି ସୋମନାଥ ମିଶ୍ର, ବିନିକା ନଗରପାଳ ସୁବାସ ଭୋଇ, ସଙ୍ଗୀତା ଭୁକ୍ତା, ଉତ୍ତର ପାତ୍ର, କିଶୋର ହୋତା, ରଞ୍ଜିତ ରଥ, ସତ୍ୟଞ୍ଜୀବ ମିଶ୍ର, ବିହାରୀ ମିଶ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ବିଜୁ ପଟ୍ଟନାୟକଙ୍କ ସ୍ମୃତିଚାରଣ କରିଥିଲେ । ଅଦ୍ୱୈତ ପଣ୍ଡା ସଭା ସଞ୍ଚାଳନ କରିଥିଲେ । ଶ୍ରୀନିବାସ ଚାନ୍ଦ ରଞ୍ଜିତ ରଥ, କିଶୋର ହୋତା, ପ୍ରଦୀପ ମିଶ୍ର, ସଞ୍ଜୀବ ଦେହୁରୀ, ପର୍ଶୁରାମ ଦେହୁରୀ, ଆଲୋକ ଦେହୁରୀ, ଚିତ୍ତ ରଞ୍ଜନ ଦାଶ, ରମେଶ ଦେହୁରୀ ପ୍ରମୁଖ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ।

# କାମରେ ଆସୁନି ମନ୍ଦିର ନିକଟ ଶୌଚାଳୟ



**ସୋନପୁର, ୧୯।୪ (ସମିସ):** ବିଭିନ୍ନ ଦେବା ଦେବୀ ମନ୍ଦିର ଦର୍ଶନ ପାଇଁ ମନ୍ଦିର ମାଳିନୀ ସୁବର୍ଣ୍ଣପୁରକୁ ପ୍ରତ୍ୟହ ରାଜ୍ୟର ବିଭିନ୍ନ ସ୍ଥାନରୁ ଶ୍ରଦ୍ଧାଳୁ ଆସିଥାନ୍ତି । ଶ୍ରଦ୍ଧାଳୁଙ୍କ ସୁବିଧାକୁ ଦୃଷ୍ଟିରେ ରଖି ସରକାର ବିଭିନ୍ନ ଉନ୍ନୟନମୂଳକ ଯୋଜନା ହାତକୁ ନେଉଛନ୍ତି । ପରିଚାଳନାଗତ ତ୍ରୁଟି ଯୋଗୁଁ ଏହା ଲୋକଙ୍କ ହିତ ସାଧନ କରି ନ ପାରିଲେ ସରକାରୀ ପାଣ୍ଠି ଖର୍ଚ୍ଚ କରି ଲାଭ କ'ଣ ବୋଲି ପ୍ରଶ୍ନ ଉଠଇଛି । ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ସୁବର୍ଣ୍ଣମେରୁ ଏବଂ ରାମେଶ୍ୱର ମନ୍ଦିର ନିକଟରେ ନିର୍ମିତ ଶୌଚାଳୟ । ସୁବର୍ଣ୍ଣମେରୁ ମନ୍ଦିର ନିକଟରେ ଶୌଚାଳୟ ନିର୍ମାଣ କରାଯାଇଛି । ଲୋକଙ୍କ ଅବଗତ ପାଇଁ କାନ୍ଥରେ ପୁରୁଷ ଏବଂ ସ୍ତ୍ରୀଙ୍କ ଚିତ୍ର ମଧ୍ୟ ଅଙ୍କା ଯାଇଛି । କାମ ସମ୍ପୂର୍ଣ୍ଣ ହେଲା ପରେ ଏହା ଉଦ୍‌ଘାଟିତ ହୋଇସାରିଛି; ହେଲେ ଶୌଚାଳୟର ଉଭୟ ପାର୍ଶ୍ୱରେ ଯେତେବେଳେ ଦେଖିଲେ ତାଲା ଝୁଲୁଛି । ତେଣୁ ଅନ୍ୟ ସ୍ଥାନରୁ ଆସୁଥିବା ଶ୍ରଦ୍ଧାଳୁ ଏହାର ସୁବିଧା ନ ପାଇ ହଇରାଣ ହେଉଛନ୍ତି । ତେବେ ମହିଳାମାନେ ବିଶେଷ ଅସୁବିଧା ଭୋଗୁଛନ୍ତି । ଶୌଚାଳୟ ନିର୍ମାଣ କରି ତାଲା ପକାଇ ରଖିଲେ କାହାର ସ୍ୱାର୍ଥ ସାଧନ ହେଉଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ସେହିପରି ରାମେଶ୍ୱର ମନ୍ଦିର ନିକଟରେ ଯେଉଁ ଦିନଠାରୁ ଶୌଚାଳୟ ନିର୍ମିତ ହୋଇଛି ସେହିଦିନଠାରୁ ତାଲା ଝୁଲୁଛି । କିଏ ଏହାର ପରିଚାଳନା ଦାୟିତ୍ୱ ନେଇଛି, ଶୌଚାଳୟକୁ ପାଣି କିପରି ଆସିବ ତାହା ମଧ୍ୟ କାହାକୁ ଜଣା ନାହିଁ । ତେଣୁ ପରିଚାଳନା ପାଇଁ ଯୋଜନା ନ କରି କୋଠା ନିର୍ମାଣ କଲେ ପ୍ରକୃତ ଉଦ୍ଦେଶ୍ୟ ସାଧିତ ହୋଇ ପାରୁନାହିଁ । ଏ ସମ୍ପର୍କରେ ସୋନପୁର ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ମନୋରଞ୍ଜନ ପଣ୍ଡାଙ୍କୁ ପଚାରିବାରୁ ଶୌଚାଳୟର ପରିଚାଳନା ପୌର ପରିଷଦ କରିବ ନା ମନ୍ଦିର କମିଟି କରିବ ତାହା ସ୍ପଷ୍ଟ ହୋଇନାହିଁ । ସେ ସମସ୍ତଙ୍କ ସହ ଆଲୋଚନା କରି ଖୁବ୍‌ଶୀଘ୍ର ଶୌଚାଳୟ ଖୋଲିବା ପାଇଁ ଉଦ୍ୟମ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ସୂଚନାଯୋଗ୍ୟ, ଆଶ୍ୱିନ, ଚୈତ୍ର ଏବଂ ଶ୍ରାବଣ ମାସରେ ଏହି ମନ୍ଦିରଗୁଡିକରେ ଭକ୍ତଙ୍କ ଗହଳି ହେଉଛି । ଏଣୁ ସମସ୍ତ ମନ୍ଦିରର ଶୌଚାଳୟ ଗୁଡିକର ସୁପରିଚାଳନା ଆବଶ୍ୟକ ।

## ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା



**କିଆକଟା, ୧୯ ।୪(ସମିସ):** ଆଠମଲ୍ଲିକ ବ୍ଲକ କାନ୍ଧପଡ଼ା ପଞ୍ଚାୟତରାଜ ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରମୋଦ ବେହେରାଙ୍କୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୀପ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍କୁଲ ପରିଚାଳନା କମିଟି ସଭାପତି କପିଳେଶ୍ୱର ରଣା, ତ୍ରିଲୋଚନ ମେହେର, ସନ୍ତୋଷ ଧଳ, ବୀରବର ଡାଙ୍ଗ ହରମୋହନ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଶ୍ରୀ ବେହେରାଙ୍କୁ ସ୍କୁଲ ଓ ପୁରାତନ ଛାତ୍ରଛାତ୍ରୀଙ୍କ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶିକ୍ଷକ ପୂର୍ଣଚନ୍ଦ୍ର ଗିରି ତାଙ୍କର ସ୍କୁଲ ପ୍ରତି ଅବଦାନ ଓ କାର୍ଯ୍ୟଦକ୍ଷତାକୁ ପ୍ରଶଂସା କରିଥିଲେ । ପୂର୍ବତନ ଛାତ୍ର ପ୍ରତାପ ମେହେର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଗଗନ ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ । ପୁରାତନ ଛାତ୍ର ଶରତ ଚିର୍ଗୁଣ, ପ୍ରଦୀପ ମେହେର, ଗୌତମ ମେଣ୍ଡୁଲି, ସୁନୀଲ ମେହେର, ସ୍ୱାଧୀନ ଖଣ୍ଡଗିରି, ସନାତନ ମେହେରଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

## ଭୋଟର ସଚେତନତା କାର୍ଯ୍ୟକ୍ରମ

**ବାଉଁଶୁଣି, ୧୯ ।୪(ସମିସ):** ବୌଦ୍ଧ ଜିଲ୍ଲା ବାଉଁଶୁଣି ମା' ମାହେଶ୍ୱରୀ ସ୍ନାତକ ମହାବିଦ୍ୟାଳୟରେ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବୌଦ୍ଧ ଉପଜିଲ୍ଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ବୌଦ୍ଧ ବିଡ଼ିଓ ଯୁଧିଷ୍ଠିର ମେହେର, ଡେପୁଟି କଲେକ୍ଟର ଭଗବାନ ଜାନି, ନାଟ୍ୟକାର ଗଦାଧର ବାରିକ, ମହାବିଦ୍ୟାଳୟ ଅଧ୍ୟକ୍ଷ ଅନିରୁଦ୍ଧ ମହାକୁଳ ପ୍ରମୁଖ ଉପସ୍ଥିତ ଥିଲେ । ଏଥର ନିର୍ବାଚନରେ ନୂଆକରି ମତ ସାବ୍ୟସ୍ତ କରିବାକୁ ଯାଉଥିବା ଭୋଟରଙ୍କୁ ସଚେତନ କରିବା ପାଇଁ ବକ୍ତାମାନେ ଉଦ୍‌ବୋଧନ ଦେଇଥିଲେ । ଏଥିପାଇଁ ଏକ ସଚେତନତା ଶୋଭାଯାତ୍ରା ଆୟୋଜନ କରାଯାଇଥିଲା । ଏଥିରେ ୧୫୦ ଜଣ ଛାତ୍ରଛାତ୍ରୀଙ୍କ ସମେତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଯୋଗ ଦେଇଥିଲେ ।

## ସମ୍ବଲପୁରୀ ଚଳଚ୍ଚିତ୍ର 'ଆମ୍ ଚଟନି' ର ଶୁଭମୁକ୍ତି

**ସୁବଲୟା, ୧୯ ।୪(ସମିସ):** ବୀରମହାରାଜପୁର ଅଞ୍ଚଳର କଳାକାରମାନଙ୍କ ଦ୍ୱାରା ନିର୍ମାଣ ହୋଇଥିବା ସମ୍ବଲପୁରୀ ଚଳଚ୍ଚିତ୍ର 'ଆମ୍ ଚଟନି ' ସୋନପୁରିଆ ମନୋଜ କ୍ରିଏସନ୍ ପକ୍ଷରୁ ମୁକ୍ତିଲାଭ କରିଛି । ଏଥିରେ ସମାଜକୁ ସଚେତନତା ବାର୍ତ୍ତା ଦେବା ସହ କିଛି ଶିଖିବାର ଦୃଶ୍ୟ ରହିଛି । ନିତିଦିନିଆ ଜୀବନରେ ଘଟୁଥିବା ଘଟଣା ତଥା ଗାଁ ଜୀବନକୁ ପ୍ରାଧାନ୍ୟ ଦେଇ ଭିଡ଼ିଓ ପ୍ରସ୍ତୁତି ହୋଇଛି । ନିଚ୍ଛକ ଓଡ଼ିଆ କାହାଣୀ ଓ ସାଧାରଣ ଲୋକଙ୍କ ସହ ଘଟୁଥିବା ଘଟଣା ଏହି ଫିଲ୍ମରେ ରହିଛି । 'ଆମ୍ ଚଟନି' ଏକ ପାରିବାରିକ କାହାଣୀ ହେଲେ ମଧ୍ୟ ଏହି ଫିଲ୍ମରେ କମେଡି, ଲଭ୍, ଇମୋସନ, ଭଲ ପାଇବା ରହିଛି । ଏହାର ସୁଟିଙ୍ଗ ସୁବର୍ଣ୍ଣପୁର, ସମ୍ବଲପୁର ଅଞ୍ଚଳର ବିଭିନ୍ନ ସ୍ଥାନରେ ହୋଇଛି । ହରି ଶଙ୍କର ପୁରୋହିତ୍, ଲିନୁ ଦାସ୍, ସୁବାଷ ଭୋଇନା, ମଞ୍ଜୁଲତା ଦେହୁରୀ ପ୍ରମୁଖ ଏଥିରେ ଅଭିନୟ କରିଛନ୍ତି । ମନୋଜ ସାହୁ ଫିଲ୍ମଟିର କାହାଣୀ ଲେଖିଥିବାବେଳେ ସଞ୍ଜିବ ନାଏକ କ୍ୟାମେରା ପରିଚାଳନା କରିଛନ୍ତି । ଦିବ୍ୟ ମେହେର ପ୍ରଯୋଜକ ରହିଛନ୍ତି । ଜିତେନ୍ଦ୍ର ଚାନ୍ଦ ପରିଚାଳନା କରିଛନ୍ତି ।



# ଗାଁ ମଝିରେ ନର୍ଦ୍ଦମା



**ପଲଶାଗୋରା, ୧୯ ।୪(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଶିମିଳିପଦର ପଞ୍ଚାୟତ ପତ୍ରାପାଲି ଗାଁ ମଝିରେ ଏକ ନଳକୂପ ରହିଛି । ଏହାର ଡ୍ରେନେଜ ବ୍ୟବସ୍ଥା କରାଯାଇ ନ ଥିବା ହେତୁ ଗାଁ ମଝିରେ ପାଣି ଯାଉଛି । ଏହାଦ୍ୱାରା କିଛି କିଛି ସ୍ଥାନରେ ପାଣି ଜମି ରହି ଦୁର୍ଗନ୍ଧ ହେଉଥିବା ଅଭିଯୋଗ ହେଉଛି । ରାସ୍ତାରେ ଯିବା ଆସିବା ମଧ୍ୟ କରିବା ଅସମ୍ଭବ ହୋଇ ପଡ଼ିଛି । ସରକାର ଗାଁ ସଫାସୁତରା କରିବା ପାଇଁ ଗାଁ କଲ୍ୟାଣ ସମିତି ଜରିଆରେ ଟଙ୍କା ପ୍ରଦାନ କରୁଥିବା ବେଳେ ତାହାର ସୁବ୍ୟବହାର ହେଉ ନ ଥିବା ଅଭିଯୋଗ ହେଉଛି ।

## ୨୫ ଦିନ ହେଲା ଅନ୍ଧାରରେ ଖରଭୂଇଁ ପାହାଡ଼ ତଳ ସାହି



**ହରଭଙ୍ଗା, ୧୯ ।୪(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଖରଭୂଇଁ ଗ୍ରାମର ପାହାଡ଼ ତଳ ସାହିକୁ ଆଜକୁ ୨୫ ଦିନରୁ ଅଧିକ ହେଲା ବିଦ୍ୟୁତ୍ ସେବା ବନ୍ଦ ରହିଛି । ଏହା ଫଳରେ ଲୋକେ ଅନ୍ଧାରରେ ଦିନ କାଟୁଛନ୍ତି । ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଟ୍ରାନ୍ସଫର୍ମରଟି କୌଣସି ମତେ ପୋଡି ଯାଇଛି । ଏଣୁ ଏହି ସମସ୍ୟା ଉପୁଜିଛି । ବର୍ତ୍ତମାନ ସମୟରେ ଅତ୍ୟଧିକ ଖରା ଓ ରାତିରେ ଗରମ ଅନୁଭୂତ ହେଉଥିବା ବେଳେ ବିଦ୍ୟୁତ୍ ସେବାରୁ ବଞ୍ଚିତ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଆଜି ହେବ, କାଲି ଟ୍ରାନ୍ସଫର୍ମର ଲାଗିଯିବ କହି ବିଦ୍ୟୁତ୍ ବିଭାଗ ଲୋକଙ୍କୁ ଭୂୟାଁ ବୁଲାଉଛି ବୋଲି କମଳ ଦେହୁରୀ, ଅନିଲ ବାଘ, ବିଦେଶୀ ବାଘ, ଗୋକୁଳ ଦେହୁରୀ, ଗତାଞ୍ଜଳି ଦେହୁରୀ ପ୍ରମୁଖ ଅଭିଯୋଗ କରିଛନ୍ତି ।

**ବିଦ୍ୟୁତ୍ ବିଭାଗର ନିଦ ଭାଙ୍ଗୁନି**

**ଦିନ ପରେ ଦିନ ଗଡ଼ାଉଛି ଟାଟା**

### କାନ୍ଥରେ ଲେଖା ହୋଇଛି ୭ଟା; ଡାକ୍ତର ଆସୁଛନ୍ତି ୮ଟାରେ

# ମେଡିକାଲ ଆସି ରୋଗୀ ହଟହଟା

**ହରଭଙ୍ଗା, ୧୮ ।୪(ସମିସ)**

ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଧଳପୁର ପ୍ରାଥମିକ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ଡାକ୍ତରଙ୍କ ମନମୁଖୀ ଯିବାଆସିବା ହେତୁ ରୋଗୀଙ୍କ ଭିତରେ ଅସନ୍ତୋଷ ପ୍ରକାଶ ପାଉଛି । ଏହି ମେଡିକାଲରେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ ଡାକ୍ତର ଅଭିଷେକ ପଟ୍ଟନାୟକ ନିଯୁକ୍ତି ପାଇଛନ୍ତି । ସକାଳ ୭ଟାରୁ ୧୧ଟା ପର୍ଯ୍ୟନ୍ତ ଖୋଲିବାକୁ ନିର୍ଦ୍ଦେଶ ରହିଛି । ଏପରିକି ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଯିବା ଆସିବାର ସମୟ ମଧ୍ୟ କାନ୍ଥରେ ଲେଖା ରହିଛି । ଏଥିରେ କିନ୍ତୁ ଅନିୟମିତତା ଦେଖା ଦେଇଛି । ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ ୭ଟାରୁ ଖୋଲିବା ପରିବର୍ତ୍ତେ ସକାଳ ୮ଟା ପର୍ଯ୍ୟନ୍ତ ମଧ୍ୟ ଚିକିତ୍ସାଳୟ ଖୋଲା ଯାଉନାହିଁ । ଏହା ଫଳରେ ଜନସାଧାରଣ ସ୍ୱାସ୍ଥ୍ୟସେବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସକାଳ ୮ଟା ପର୍ଯ୍ୟନ୍ତ ଚିକିତ୍ସାଳୟ ଖୋଲୁନି । ଏଣୁ ଚିକିତ୍ସା ଲାଗି ଆସୁଥିବା ରୋଗୀ ନିରାଶ ହୋଇ ପୁରୁଣାକଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କିମ୍ବା ଆଠମଲ୍ଲିକ ଉପଖଣ୍ଡ ଚିକିତ୍ସାଳୟକୁ ଯାଉଛନ୍ତି । ପାଖରେ ମେଡିକାଲ ଥାଇ ଅଯଥା ଖର୍ଚ୍ଚନ୍ତ ହେଉଥିବାରୁ ରୋଗୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି । ତେବେ ଏହି ଘଟଣାକୁ ନେଇ ଡାକ୍ତର ପଟ୍ଟନାୟକଙ୍କୁ ପଚାରିବାରୁ କାନ୍ଥରେ ଭୁଲ୍ ବଶତଃ ୮ ପରିବର୍ତ୍ତେ ସକାଳ ୭ଟା ଲେଖା ହୋଇଛି । ସମସ୍ତଙ୍କୁ ସକାଳ ୮ଟାରେ କାର୍ଯ୍ୟରେ ଯୋଗଦେବାକୁ କୁହାଯାଇଛି ବୋଲି କହଛନ୍ତି ।

- **ବାରଣ୍ଡାରେ ଜଗୁଛନ୍ତି ଘଣ୍ଟା ଘଣ୍ଟା**
- **ଡାକ୍ତର କହିଲେ କାନ୍ଥରେ ଭୁଲ୍ ଲେଖା ଅଛି**





# ନିର୍ବାଚନୀ ଖର୍ଚ୍ଚ ତଦାରଖ ଅଧିକାରୀଙ୍କ ୨ୟ ପର୍ଯ୍ୟାୟ ପ୍ରଶିକ୍ଷଣ

**ସୋନପୁର, ୧୯ ।୪(ସମିସ)**



ସାଧାରଣ ନିର୍ବାଚନ ୨୦୨୪କୁ ସ୍ୱଚ୍ଛ, ଅବାଧ ଓ ନିରପେକ୍ଷ ଭାବେ ସମ୍ପାଦନ କରିବା ନିମନ୍ତେ ଜିଲ୍ଲା ସ୍ତରରେ ବିଭିନ୍ନ ଅଧିକାରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ନିୟୋଜିତ ଅଧିକାରୀ ଯେପରି ପ୍ରଦତ୍ତ ଦାୟିତ୍ୱକୁ ଠିକ ଓ ସୂଚାରୁରୂପେ ସମ୍ପାଦନ କରିପାରିବେ ସେଥିପାଇଁ ପ୍ରଶାସନ ତରଫରୁ ନିର୍ବାଚନ ପ୍ରଶିକ୍ଷକଙ୍କ ଦ୍ୱାରା ନିର୍ବାଚନ ଆୟୁକ୍ତଙ୍କ ନିର୍ଦ୍ଦେଶ ଅନୁସାରେ ପ୍ରଦତ୍ତ ନିର୍ବାଚନ ସମ୍ବନ୍ଧୀୟ ଆଇନର ଅନୁପାଳନକୁ ଠିକ କାର୍ଯ୍ୟକାରିତା, ତଦାରଖ ଓ ପରିଚାଳନା ନିମନ୍ତେ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ସୁବର୍ଣ୍ଣପୁର ଜିଲ୍ଲାର ଦୁଇଟି ବିଧାନସଭା ନିର୍ବାଚନ ମଣ୍ଡଳୀ ୬୪-ବୀରମହାରାଜପୁର (ସଂ), ୬୫- ସୋନପୁର (ସାଧାରଣ) ତଥା ୧୦- ବଲାଙ୍ଗୀର ଲୋକ ସଭା ସଂସଦୀୟ କ୍ଷେତ୍ର ନିମନ୍ତେ ଆସନ୍ତା ମେ ୨୦ ତାରିଖରେ ମତଦାନ ଅନୁଷ୍ଠିତ ହେବ। ଏଣୁ ନିର୍ବାଚନକୁ ନିରପେକ୍ଷ ଓ ବ୍ୟବସ୍ଥିତ ପରିଚାଳନା ନିମନ୍ତେ ନିୟୋଜିତ ନିର୍ବାଚନ ଖର୍ଚ୍ଚ ତଦାରଖ ଅଧିକାରୀ ଓ ନିର୍ବାଚନରେ ଅବତୀର୍ଣ୍ଣ ରାଜନୈତିକ ପ୍ରାର୍ଥୀଙ୍କ ପ୍ରତିନିଧିଙ୍କୁ ଖର୍ଚ୍ଚ ପରିଚାଳନାର ବିଧି ବ୍ୟବସ୍ଥା ଉପରେ ଜିଲ୍ଲା ସ୍ତରୀୟ ଦ୍ୱିତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଟିମ୍ ନୋଡାଲ ଅଧିକାରୀ ତଥା ସିଡିଓ ଅଶ୍ୱିନୀ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଖର୍ଚ୍ଚ ତଦାରଖ ପ୍ରଶିକ୍ଷଣ ଶିବିର ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ସିଟି ଜିଏସଟି ବିକାଶ ରଞ୍ଜନ ମହାନ୍ତି ଓ ଜିଲ୍ଲା କୋଷାଗାର ଅଧିକାରୀ ସଂଗ୍ରାମ କେଶରୀ ଦଳେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଜିଲ୍ଲା ନିମନ୍ତେ ନିୟୋଜିତ ୮ଟି ଏସଏସଟି ଟିମ୍, ୨ଟି ଭିଏସଟି ଟିମ୍, ୮ଟି ଏଫଏସଟି ଟିମ୍, ୨ଟି ଭିଭିଟି ଟ୍ରିର ନୋଡାଲ ଅଧିକାରୀଙ୍କ ସହ ସଦସ୍ୟ ଅଧିକାରୀ, ଆକାଉଣ୍ଟିଂ ଟିମର ଅଧିକାରୀ, ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି, ଉଭୟ ବିଧାନସଭା ନିର୍ବାଚନ ମଣ୍ଡଳୀର ନିର୍ବାଚନ ଅଧିକାରୀ ତଥା ଉପଜିଲ୍ଲାପାଳ, ସହକାରୀ ଖର୍ଚ୍ଚ ପର୍ଯ୍ୟବେକ୍ଷକ, ଡେପୁଟି ଜିଲ୍ଲାପାଳ ପ୍ରଶିକ୍ଷଣ ନେଇଥିଲେ। ସମସ୍ତ ଟିମ୍ ବିଜ୍ଞପ୍ତି ପ୍ରକାଶ ଦିନଠାରୁ ୨୪ ଘଣ୍ଟିଆ କାର୍ଯ୍ୟ କରିବ।

# ଲାଞ୍ଚ ନେଇ ହରଭଙ୍ଗା ବିଇଓ ଅଫିସ କିରାଣି ଗିରଫ



**ବୌଦ୍ଧ/ହରଭଙ୍ଗା, ୧୯ ।୪(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟର ବରିଷ୍ଠ କିରାଣୀ ରବୀନ୍ଦ୍ର ପାଢ଼ୀ ଲାଞ୍ଚ ନେଇ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ବୁରୁବୁଡ଼ା ୟୁଜିଏମଇ ସ୍କୁଲର ଶିକ୍ଷୟିତ୍ରୀ ଅନୁସୟା ନାୟକଙ୍କଠାରୁ ୨୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ସେ ଧରା ପଡ଼ିଛନ୍ତି। ସମ୍ପୃକ୍ତ ଶିକ୍ଷକଙ୍କ ଉପରେ ହରଭଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଚାଲିଥିବା ଏକ ବିଭାଗୀୟ ପ୍ରୋସିଡିଙ୍ଗ ମାମଲାରେ ଶ୍ରୀ ପାଢ଼ୀ ୪୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ବାରମ୍ବାର କାର୍ଯ୍ୟାଳୟକୁ ଡାକି ହଇରାଣ କରୁଥିଲେ। ତେବେ ଶିକ୍ଷକ ଜଣକ ପୂର୍ବରୁ ୨୦ ହଜାର ଟଙ୍କା ଦେଇଥିଲେ। ବକେୟା ୨୦ ହଜାର ଟଙ୍କା ଦେଉଥିବା ସମୟରେ ପୂର୍ବରୁ ସେଠାରେ ଛପି ରହିଥିବା ବୌଦ୍ଧ ଭିଜିଲାନ୍ସ ଟିମ୍ ଧରିଥିଲା। ତାଙ୍କୁ ଗିରଫ କରି ଫୁଲବାଣୀ ଭିଜିଲାନ୍ସ ଏସ୍‌ପିଙ୍କ କାର୍ଯ୍ୟାଳୟକୁ ନିଆଯାଇଛି। ସେଠାରୁ ତାଙ୍କୁ ପଚରାଉଚରା କରିବା ପରେ ଭିଜିଲାନ୍ସ କୋର୍ଟରେ ହଜାର କରାଯିବ। ଭିଜିଲାନ୍ସ ଟିମ୍ ତାଙ୍କ ବାସଭବନ ଏବଂ ପୂର୍ବରୁ ଭଡାରେ ରହୁଥିବା ଘରେ ମଧ ଚଢଉ କରାଯାଇଛି।

# ଦୁର୍ଘଟଣାଗ୍ରସ୍ତଙ୍କୁ ସହାୟତା କରି ପୁରସ୍କୃତ

**ବୌଦ୍ଧ/ହରଭଙ୍ଗା, ୧୯ ।୪(ସମିସ):** ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ସହାୟତା ପ୍ରଦାନ କରି ଡାକ୍ତରଖାନା ପହଞ୍ଚାଇଥିବା ବ୍ୟକ୍ତିମାନଙ୍କୁ ବୌଦ୍ଧ ଜିଲ୍ଲା ପୁଲିସ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ପୁରସ୍କୃତ କରାଯାଇଛି। ରାଜ୍ୟ ସରକାରଙ୍କ ଗୁଡ଼ ସମରଟିଆନ ଯୋଜନାରେ ୧୩ ଜଣ ବ୍ୟକ୍ତିଙ୍କୁ ୨ ହଜାର ଟଙ୍କା ଲେଖାଏଁ ଚେକ୍ ଦେଇ ପୁରସ୍କୃତ କରାଯାଇଛି। ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ସାହାଯ୍ୟ କରିଥିବା ଲୋକଙ୍କୁ ଉତ୍ସାହିତ କରିବା ଏବଂ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ତ୍ୱରିତ ଚିକିତ୍ସା ସେବା ଯୋଗାଇ ସେମାନଙ୍କ ମୂଲ୍ୟବାନ ଜୀବନ ବଞ୍ଚାଇବା ପାଇଁ ଉଦ୍ଦିଷ୍ଟ ଏହି ଯୋଜନା ପ୍ରତି ଜନସାଧାରଣଙ୍କ ଆଗ୍ରହ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଆରକ୍ଷୀ ଅଧୀକ୍ଷକ ରାଜ୍ ପ୍ରସାଦ, ଉପଖଣ୍ଡ ଆରକ୍ଷୀ ଅଧିକାରୀ କୁଲଦୀପ ମୀନା, ଭାରପ୍ରାପ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଶିଶିର ସାହୁ, ଯାନବାହନ ନିରୀକ୍ଷକ ଗୋପାଳ ଚନ୍ଦ୍ର ହାଁସଦା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିଆରସିଂଙ୍କ ସମେତ ଗଣମାଧ୍ୟମ ପ୍ରତିନିଧି ଓ ନିମନ୍ତ୍ରିତ ଜନସାଧାରଣ ଉପସ୍ଥିତ ଥିଲେ।



## ବୋଲେରୋ ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

**ବୌଦ୍ଧ, ୧୯ ।୪(ସମିସ):** ଜାତୀୟ ରାଜପଥ ନଂ ୫୭ ର ବୌଦ୍ଧ ଥାନା ଗାନ୍ଧୀନଗର ନିକଟରେ ବୋଲେରୋ ଓ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ବାଇକ୍ ଆରୋହୀଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଛି। ମୃତ ବାଇକ ଆରୋହୀ ଜଣକ ବୌଦ୍ଧ ଥାନା ରାଧାନଗର ଗ୍ରାମର ନାରାୟଣ ମେହେର। ବୌଦ୍ଧରୁ ସେ ସଉଦା କିଣି ବାଇକ ଯୋଗେ ଘରକୁ ଫେରୁଥିବା ସମୟରେ ଗାନ୍ଧୀ ନଗର ନିକଟରେ ସାମ୍ନାରୁ ଆସୁଥିବା ଏକ ବୋଲେରୋ ସହ ଧକ୍କା ହୋଇଥିଲା। ଦୁର୍ଘଟଣା ଯୋଗୁଁ କିଛି ସମୟ ରାସ୍ତାରୋକ କରାଯାଇଥିଲା। ଏହା ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଗାଡିଗୁଡ଼ିକ ଅଟକିରହିଥିଲା। ଖବର ପାଇ ବୌଦ୍ଧ ଆଦର୍ଶ ଥାନା ପୁଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇବା ଉଭୟ ଗାଡି ଜବତ କରି ତଦନ୍ତ ଆରମ୍ଭ କରିଛି।

## ମଦ କାରବାରରେ ଜଣେ ଗିରଫ

**ଶଗଡ଼ା, ୧୯ ।୪(ସମିସ):** ଘଣ୍ଟାପଡ଼ା ଥାନା ସିଆଳଜୁରି ଗ୍ରାମ ନିକଟରେ କଣ୍ଠାମାଳ ଅବକାରୀ ବିଭାଗ ଚଢଉ କରି ମଦ କାରବାରରେ ଜଣକୁ ଗିରଫ କରିଛି। ସେ ହେଉଛି ରବୀନ୍ଦ୍ର ମହାକୁଡ (୩୮)। ଅବକାରୀ ଅଧିକାରୀ ସୂର୍ଯ୍ୟକାନ୍ତ ମଲିକଙ୍କ ନେତୃତ୍ୱରେ ଏକ ଟିମ୍ ଚଢଉ କରିଥିଲା।

## ନିଶାଦ୍ରବ୍ୟ କାରବାରରେ ୩ ଗିରଫ

**ବିନିକା, ୧୯ ।୪(ସମିସ):** ବିନିକା -ସୋନପୁର ମୁଖ୍ୟ ରାସ୍ତାର କର୍ଡଙ୍ଗ ଛକ ନିକଟରେ ୨ଜଣ ବ୍ୟକ୍ତିଙ୍କଠାରୁ ୬୦ଲିଟର ମଦ ଜବତ ହୋଇଛି। ସେହିଭଳି ବିନିକା ପାପକ୍ଷୟ ଗେଟ ନିକଟରେ ୬କେଜି ଗଞ୍ଜେଇ ଜବତ ହୋଇଛି। ୩ ଅଭିଯୁକ୍ତ ଗିରଫ ହୋଇଛନ୍ତି। ବିନିକା ଅବକାରୀ ବିଭାଗ ପକ୍ଷରୁ କର୍ଡଙ୍ଗ ଛକରେ ପାଟ୍ରୋଲିଂ ସମୟରେ କର୍ଡଙ୍ଗ ଗ୍ରାମର ରାମଶଙ୍କର ସାହୁ ୨୦ ଲିଟର ଓ ସୁଧାଂଶୁ ଶେଖର ସାହୁ ୪୦ ଲିଟର ମଦ ଧରି ଆସୁଥିବା ବେଳେ ଧରା ପଡ଼ିଥିଲେ। ସେହିପରି ବୌଦ୍ଧ ଜିଲ୍ଲା କଣ୍ଠାମାଳର ପିତାମ୍ବର ମୁଖି ସୋନପୁର ପଟରୁ ବାଇକ୍ ଯୋଗେ ଆସୁଥିବା ସମୟରେ ଅବକାରୀ ବିଭାଗ ଅଟକାଇ ୬କେଜି ଗଞ୍ଜେଇ ଜବତ କରିଥିଲା। ଏ ନେଇ ୩ ଜଣ ଅଭିଯୁକ୍ତଙ୍କ ନାମରେ ପୃଥକ ପୃଥକ ଭାବରେ ମାମଲା ରୁଜୁ କରାଯାଇଥିବା ଅବକାରୀ ଅଧିକାରୀ ବଲବିର ଗଡ଼ନାୟକ ସୂଚନା ଦେଇଛନ୍ତି।

## କୃଷକ ଉତ୍ପାଦକ କମ୍ପାନୀର ଦ୍ୱିତୀୟ ବାର୍ଷିକ ପ୍ରତିଷ୍ଠା ଦିବସ

**ଶଗଡ଼ା, ୧୯ ।୪(ସମିସ):** ବୌଦ୍ଧ ଜିଲ୍ଲା କଣ୍ଠାମାଳ ବ୍ଲକର ଖଟଖଟିଆ ପଞ୍ଚାୟତ କୁମରକେଲିରେ ନୀଳକଣ୍ଠେଶ୍ୱର କୃଷକ ଉତ୍ପାଦକ କମ୍ପାନୀର ଦ୍ୱିତୀୟ ବାର୍ଷିକ ପ୍ରତିଷ୍ଠା ଦିବସ ପାଳନ କରାଯାଇଥିଲା। କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ପରମାନନ୍ଦ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ନାବାର୍ଡ ଡିଡିଏମ୍ ସତ୍ୟସ୍ୱରୂପ ବିଦ୍ଧାନ୍ତ, ସୋନପୁର ସେବକ ଅନୁଷ୍ଠାନର ପୋଗ୍ରାମ ମେନେଜର ରଞ୍ଜନ ଭୋକ୍ତା, ବଳରାମ ଦାସ, ଜୟକୃଷ୍ଣ ପ୍ରଧାନ, ତୃତୀୟା ପ୍ରଧାନ, ଶ୍ୟାମ ଶଙ୍କର ଗରିଆ, ଚାଷୀନେତା ଅକ୍ରୁର ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସଭାରେ ୩୪ ଜଣ ଚାଷୀ ଅଂଶଗ୍ରହଣ କରିଥିଲେ। ବାବୁଲାଲ କର୍ମୀ, ଜଳେନ୍ଦ୍ର ମଲିକ, ଲିପୁ ଭୋଇ, ମୁକ୍ତେଶ୍ୱର ପ୍ରଧାନ, ଚାଷୀ ମନରଞ୍ଜନ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ତୃତୀୟା ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ବୌଦ୍ଧ ସହରରେ ବିଏସ୍‌ଏଫ୍‌ର ଫ୍ଲାଗ୍‌ମାର୍ଚ୍ଚ

**ବୌଦ୍ଧ, ୧୯ ।୪(ସମିସ):** ବୌଦ୍ଧ ସହରର ବିଭିନ୍ନ ୱାର୍ଡରେ ନିର୍ବାଚନ ଅବ୍ୟବହିତ ପୂର୍ବରୁ ସୀମା ସୁରକ୍ଷା ବଳ ଓ ବୌଦ୍ଧ ପୁଲିସ୍ ପକ୍ଷରୁ ମିଳିତ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ବୌଦ୍ଧ ମହାନଦୀ ବ୍ରିଜ ଛକ ନିକଟରୁ ଉପଖଣ୍ଡ ଆରକ୍ଷୀ ଅଧିକାରୀ କୁଲଦୀପ ମୀନାଙ୍କ ନେତୃତ୍ୱରେ ଏହି ଫ୍ଲାଗ୍‌ମାର୍ଚ୍ଚ ଆରମ୍ଭ ହୋଇଥିଲା। ବୌଦ୍ଧ ଏନଏସିର ୧ ନଂ, ୨ ନଂ, ୩ ନଂ, ୫ନଂ, ୬ନଂ ଓ ୧୫ନଂ ୱାର୍ଡ ଅଞ୍ଚଳରେ ଫ୍ଲାଗ୍‌ମାର୍ଚ୍ଚ କରାଇଥିଲା। ବୌଦ୍ଧ ଥାନା ଆଇଆଇସି ରଞ୍ଜିତ ମୁନୀ, ରିଜର୍ଭ ଇନ୍ସପେକ୍ଟର କୁଳମଣି ଗିରି ପ୍ରମୁଖ ସାମିଲ ହୋଇଥିଲେ।

# ନାମଯଜ୍ଞ କର୍ତ୍ତାଙ୍କୁ ଗୁଳି କରିଥିବା ୩ ଅଭିଯୁକ୍ତ ଗିରଫ



**ବନ୍ଧୁକ ସହ ଗୁଳି ଜବତ**

**ଶଗଡ଼ା/ମନମୁଣ୍ଡା, ୧୯ ।୪(ସମିସ):** ବୌଦ୍ଧ ଜିଲ୍ଲା କଣ୍ଠାମାଳ ଥାନା ଲମ୍ବସ୍ୱରୀ ପଞ୍ଚାୟତର ପିପଲପାଲିରେ ନାମଯଜ୍ଞରେ କର୍ତ୍ତା ବିଶ୍ୱାମିତ୍ର ଜାନିଙ୍କୁ ଗୁଳି କରିଥିବା ୩ ଅଭିଯୁକ୍ତ ଗିରଫ ହୋଇଛନ୍ତି। ଏମାନେ ହେଲେ ସାନ ରୁଣ୍ଡିମହୁଲ ଗ୍ରାମର ପ୍ରକାଶ ସାମନ୍ତରାୟ (୨୭), ମନମୁଣ୍ଡା ଥାନା ସାନମନମୁଣ୍ଡା ଗାଁର ବଳବନ୍ତ ନାୟକ (୨୧) ଓ ସୋନପୁର ଜିଲ୍ଲା ତରଭା ଥାନା ଦୁବୁଲା (ଦେହୁରୀ ଗୋଠ)ର କନକସିଂ ମାଝୀ (୨୧)। କଣ୍ଠାମାଳ ପୁଲିସ ଏମାନଙ୍କଠାରୁ ବନ୍ଧୁକ ଓ ଗୁଳି ଜବତ କରିଛି।

# କଂଗ୍ରେସ ଛାଡ଼ିଲେ ବିକ୍ରମ, ସୁଶୀଳ

**ବୌଦ୍ଧ, ୧୯ ।୪(ସମିସ):** ବୌଦ୍ଧ ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ପଦ ସହ କଂଗ୍ରେସର ପ୍ରାଥମିକ ସଭ୍ୟ ପଦରୁ ବିକ୍ରମ ପ୍ରଧାନ ଇସ୍ତଫା ଦେଇଛନ୍ତି। ସେହିପରି ଜିଲ୍ଲା କଂଗ୍ରେସ କମିଟିର ଯୁବ ସଂଯୋଜକ ଓ ପ୍ରାଥମିକ ସଭ୍ୟ ପଦରୁ ସୁଶୀଳ ହୋତା ଇସ୍ତଫା ଦେଇଛନ୍ତି। ଉଭୟ ଜିଲ୍ଲା କଂଗ୍ରେସ ସଭାପତିଙ୍କ ପାଖକୁ ଇମେଲ୍ ଯୋଗେ ତାଙ୍କ ଇସ୍ତଫା ପତ୍ର ପଠାଇଛନ୍ତି। ଦୀର୍ଘ ୧୫ ବର୍ଷ ହେଲା ଦଳରେ ରହି ଦଳୀୟ ସଂଗଠନ କରିବା ସହ ଯେତେବେଳେ ଯାହା ଦାୟିତ୍ୱ ଦିଆଯାଇଛି ସୂଚାରୁରୂପେ କରି ଆସୁଥିବା ବେଳେ ଗତ କିଛି ଦିନ ହେଲା ଦଳରେ ତାଙ୍କର କୌଣସି ଆବଶ୍ୟକତା ଉପଲବ୍ଧି ହେଲା ଭଳି ସେମାନେ ଅନୁଭବ କରୁ ନ ଥିବା ହେତୁ ଇସ୍ତଫା ଦେଇଥିବା ଏହି ଦୁଇ ନେତା ଦର୍ଶାଇଛନ୍ତି। ଏ ନେଇ ରାଜ୍ୟ ଛାତ୍ର କଂଗ୍ରେସ ସଭାପତିଙ୍କୁ ମଧ୍ୟ ଇମେଲ ଯୋଗେ ଇସ୍ତଫା ପତ୍ର ପଠାଇଥିବା ବିକ୍ରମ କହିଛନ୍ତି।





# ବିଜେଡିର ମାରାଥନ ପ୍ରଚାର



**ନୂଆପଡ଼ା, ୧୯।୪(ସମିସ):** ବିଜେଡି ବିଧାୟକ ପ୍ରାର୍ଥୀ ରାଜେନ୍ଦ୍ର ଢୋଲକିଆ ମାରାଥନ ପ୍ରଚାର ଚଳାଇଛନ୍ତି। ନୂଆପଡ଼ା ସଦର ବ୍ଲକର ପିପଲ ଛଣ୍ଡି, ଖଇରାନୀ, ଝାଞ୍ଜିମୁଣ୍ଡା, ଜାମଦରାହ, କୋଟେନ ଚୁଆଁ, ଛେଲିଲେଣ୍ଡି, ସୁନାରୀଟାଲ, ସିଆଳଟି, ତିଲେଇଝର, ପରସଖୋଲରେ ସେ ମାରାଥନ ପ୍ରଚାର କରିଛନ୍ତି। ବିଭିନ୍ନ ଜାଗାରେ ଜନସଭା କରିବା ସହ ଘରକୁ ଘର ବୁଲି ପ୍ରଚାର କରିଛନ୍ତି। ଏଥିରେ ତାଙ୍କ ସହ ନୂଆପଡ଼ା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଉପାଧ୍ୟକ୍ଷ ଦିଲୀପ ନିର୍ମଳକର ପ୍ରମୁଖ ସାମିଲ ଥିଲେ।

## ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କ କଳାହାଣ୍ଡି ଗସ୍ତ

# ନିର୍ବାଚନ ଖର୍ଚ୍ଚ ସମ୍ବନ୍ଧୀୟ ସମୀକ୍ଷା



**ଭବାନୀପାଟଣା, ୧୯ ।୪(ସମିସ):** ଆଜି ସ୍ଥାନୀୟ ଜିଲ୍ଲାପାଳଙ୍କ ସମ୍ମିଳନୀ ଗୃହରେ ଜିଲ୍ଲାପାଳ ପି ଅନ୍ୱେଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କ ଗହଣରେ କଳାହାଣ୍ଡି ଜିଲ୍ଲା ଓ ନୂଆପଡ଼ା ଜିଲ୍ଲାର ନିର୍ବାଚନ ସମ୍ବନ୍ଧୀୟ ଖର୍ଚ୍ଚ କମିଟିର କାର୍ଯ୍ୟକୁ ସମୀକ୍ଷା କରାଯାଇଛି। କଳାହାଣ୍ଡି ଲୋକସଭା ନିର୍ବାଚନ ମଣ୍ଡଳୀ ପାଇଁ ଭୈବଭ ସିଂ ଚୌହାନ, ଲାଞ୍ଜିଗଡ଼, ନର୍ଲା ଓ ଭବାନୀପାଟଣା ନିର୍ବାଚନ ମଣ୍ଡଳୀ ପାଇଁ କେ ସୁରଜିତ ଏବଂ ଜୁନାଗଡ଼ ଓ ଧର୍ମଗଡ଼ ନିର୍ବାଚନ ମଣ୍ଡଳୀ ସହ ନୂଆପଡ଼ା, ଖରିଆର ପାଇଁ ମନି ଶଙ୍କର ବରଦୋଲଇ ପ୍ରମୁଖ ପର୍ଯ୍ୟବେକ୍ଷକ ରୂପେ ନିର୍ବାଚନ କମିଶନଙ୍କ ଦ୍ୱାରା ନିଯୁକ୍ତି ପାଇଛନ୍ତି। ବୈଠକରେ ୫ଟି ନିର୍ବାଚନ ମଣ୍ଡଳୀ ଓ ୧ଟି ଲୋକସଭା ଆସନ ପାଇଁ ୬ଜଣ ସହକାରୀ ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କ ସହ ଆୟକର ବିଭାଗ, ସିଟିଜିଏସଟି ବିଭାଗ, ଅବକାରୀ ବିଭାଗ, ବନ ବିଭାଗ, ପରିବହନ ବିଭାଗ ଅଧିକାରୀଙ୍କ ସହ ଆରକ୍ଷୀ ଅଧୀକ୍ଷକ ଅଭିଲାଷ ଜି, ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, ତ୍ରିଲୋଚନ ପାତ୍ର, ସିଡିଓ ଜିଲ୍ଲା ପରିଷଦ ଦୟାମୟ ପାଢ଼ୀ, ଉପ ଜିଲ୍ଲାପାଳ, ଧର୍ମଗଡ଼ ଧିମନ୍ ଚକମା, ଉପଜିଲ୍ଲାପାଳ ଭବାନୀପାଟଣା ବିଶ୍ୱଜିତ ଦାସ, ନିର୍ବାଚନ ସଂଯୁକ୍ତ ଅଧିକାରୀ, ଡି ଆଇ ପି ଆର୍‌ଓ ଓ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଖର୍ଚ୍ଚ ପର୍ଯ୍ୟବେକ୍ଷକ ଶ୍ରୀ ଚୌହାନ ଏବଂ କେ ସୁରଜିତ ବିଭିନ୍ନ ଟିମ୍ ଭିଏସଟି, ଏସଏସଟି, ଭିଏସଟି, ଆକାଉଣ୍ଟ ଟିମ୍, ଫ୍ଲାଇଙ୍ଗ ସ୍କ୍ୱାଡ୍, ଏମସିଏମସି ଟିମ୍‌ର ନୋଡାଲ ଅଧିକାରୀଙ୍କ କାର୍ଯ୍ୟକୁ ସମୀକ୍ଷା କରିଥିଲେ। ନିର୍ବାଚନକୁ ଅବାଧ, ସ୍ୱଚ୍ଛ ଓ ନିରପେକ୍ଷ କରିବା ପାଇଁ ଅଧିକାରୀଗଣ ନିଜ ଦାୟିତ୍ୱକୁ ଠିକ ଭାବେ ନିର୍ବାହ ସହ ଯେକୌଣସି ଆଚରଣ ବିଧି ଉଲ୍ଲଂଘନକୁ ଧରିବା ପାଇଁ ତ୍ୱରିତ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ଜନସାଧାରଣ ଖର୍ଚ୍ଚ ସମ୍ବନ୍ଧିତ କିମ୍ବା ଆଚରଣବିଧି ଉଲ୍ଲଂଘନ ଅଭିଯୋଗ ବିଷୟ ଉପରେ ଭୈବଭ ସିଂ ଚୌହାନଙ୍କୁ ୭୦୦୮୩ ୮୦୦୮୩, କେ ସୁରଜିତଙ୍କୁ ୬୩୭୦୪୪୯୬୪୫, ମନିଶଙ୍କର ବର୍ଦୋଲଇଙ୍କୁ ୭୬୦୬୯୭୭୨୬୩ ନମ୍ବରରେ ଅଭିଯୋଗ କରିପାରିବେ।

# ଦୁଇ ଦିନରେ ନାମାଙ୍କନପତ୍ର ନେଲେ ୧୪ ପ୍ରାର୍ଥୀ

## ଧର୍ମଗଡ଼ ବିଧାନସଭା ପାଇଁ ୮ ଓ ଜୁନାଗଡ଼ ବିଧାନସଭା ପାଇଁ ୬

**ଧର୍ମଗଡ଼, ୧୯।୪(ସମିସ):** ଧର୍ମଗଡ଼ ଓ ଜୁନାଗଡ଼ ବିଧାନସଭା ନିର୍ବାଚନ ପାଇଁ ମୋଟ ୧୪ ଜଣ ପ୍ରାର୍ଥୀ ନାମାଙ୍କନପତ୍ର ନେଇଛନ୍ତି। ଗତକାଲି ଧର୍ମଗଡ଼ ବିଧାନସଭା ନିର୍ବାଚନ ପାଇଁ ବିଜେପି ପ୍ରାର୍ଥୀ ସୁଧୀର ରଞ୍ଜନ ପଟ୍ଟଯୋଶୀ, ସ୍ୱାଧୀନ ପ୍ରାର୍ଥୀ ଘନଶ୍ୟାମ ଅଗ୍ରୱାଲ, ହେମାଙ୍ଗିନୀ ହଂସ, ହେରାମ୍ବ ସେନାପତି ଓ ସରୋଜ ରଣା ନାମାଙ୍କନପତ୍ର ନେଇଥିଲେ। ଜୁନାଗଡ଼ ନିର୍ବାଚନମଣ୍ଡଳୀ ପାଇଁ କଂଗ୍ରେସ ପ୍ରାର୍ଥୀ ତୁଳେଶ୍ୱର ନାଏକ, ସ୍ୱାଧୀନ ପ୍ରାର୍ଥୀ ଭାବେ ପରମେଶ୍ୱର କାଣ୍ଡ, ରବି ହରିଜନ, ସୁଧା ନିଧି ନାଏକ ନାମାଙ୍କନପତ୍ର ନେଇଥିଲେ। ଆଜି ଦ୍ୱିତୀୟ ଦିବସରେ ଧର୍ମଗଡ଼ ଓ ଜୁନାଗଡ଼ ବିଧାନସଭା ନିର୍ବାଚନ ପାଇଁ ମୋଟ ୫ ଜଣ ନାମାଙ୍କନପତ୍ର ନେଇଛନ୍ତି। ଧର୍ମଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ବିଜେଡି ପ୍ରାର୍ଥୀ ପୁଷ୍ପେନ୍ଦ୍ର ସିଂହଦେଓ ଓ ସ୍ୱାଧୀନ ପ୍ରାର୍ଥୀ ଟଙ୍କଧର ଶବର, ଏବଂ ଜୁନାଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ବିଜେଡି ପ୍ରାର୍ଥୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ବିଜେପି ପ୍ରାର୍ଥୀ ମନୋଜ କୁମାର ମେହେର ଓ ସ୍ୱାଧୀନ ପ୍ରାର୍ଥୀ ମଦନ ରାଉତ ନାମାଙ୍କନପତ୍ର ନେଇଛନ୍ତି। ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ନିର୍ବାଚନ ଅଧିକାରୀ ତଥା ଧର୍ମଗଡ଼ ଉପଜିଲ୍ଲାପାଳ ଧିମାନ ଚକମା, ଧର୍ମଗଡ଼ ଉପଖଣ୍ଡ ପୁଲିସ ଅଧିକାରୀ ମନୋଜ କୁମାର ବେହେରା ଓ ଧର୍ମଗଡ଼ ଥାନାଧିକାରୀ ଦାମୋଦର ବିହାରୀଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ବ୍ୟବସ୍ଥା ସହିତ ପୁଲିସ ମୁତୟନ କରାଯାଇଛି।

# ବନାଗ୍ନି ରୋକିବା ପାଇଁ ବାଲୁକା କଳା ମାଧ୍ୟମରେ ସଚେତନତା

**କର୍ଲାମୁଣ୍ଡା, ୧୯।୪(ସମିସ):** ବନାଗ୍ନି ଗ୍ରୀଷ୍ମ ଋତୁର ପ୍ରବଳ ତାତିକୁ ଆହୁରି ଦ୍ୱିଗୁଣିତ କରୁଛି। ଆଇମା' ପିଲାବେଳେ ଜଙ୍ଗଲ ପୋଡ଼ିର ନିଆଁକୁ ଦେଖାଇ କହୁଥିଲା 'ଏଇ ଦେଖ ମାଙ୍କଡ଼ ବିହା' ଆମର ଏହି ଗୁଲିଗପ ବନ୍ୟଜନ୍ତୁଙ୍କ ପାଇଁ ତଥା ପରିବେଶ ପାଇଁ କେତେଯେ ବିପଦ ତାହା ସମସ୍ତେ ବୁଝିବା ନିହାତି ଦରକାର। ଲୋକମାନଙ୍କ ଖାମଖିଆଲି ମନୋଭାବ ପାଇଁ ଜଙ୍ଗଲ ପୋଡ଼ି ହୋଇଥାଏ। ଫଳରେ ଏହାର ପ୍ରଭାବରେ ବିଶ୍ୱତାପାୟନ ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ କର୍ଲାମୁଣ୍ଡା ବ୍ଲକ ଗଜବାହାଲ ପଞ୍ଚାୟତର ଡଙ୍ଗରମୁଣ୍ଡା ଗ୍ରାମର ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ଓମ ପ୍ରକାଶ ସାହୁ ବାଲିରେ 'ଷ୍ଟପ୍ ଫରେଷ୍ଟ ଫାୟାର' ଶୀର୍ଷକ ସାତ ଫୁଟ ଉଚ୍ଚତା ବିଶିଷ୍ଟ ବାଲୁକା ଭାସ୍କର୍ଯ୍ୟ କଳା ନିର୍ମାଣ କରି ସଚେତନତା ବାର୍ତ୍ତା ପ୍ରଦାନ କରିଛନ୍ତି।




# ଏମ୍ଆଇ ଅଫିସ୍ ଗେଟ୍‌ରେ ବିପଦସଂକୁଳ ବିଦ୍ୟୁତ୍ ତାର

**କୋକସରା, ୧୯ ।୪(ସମିସ):** କୋକସରା ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ବ୍ଲକ ଯୋଗାଣ ନିରୀକ୍ଷକ(ଏମ୍ଆଇ) କାର୍ଯ୍ୟାଳୟ ଓ ଗ୍ରାମ୍ୟ ଜଳଯୋଗାଣ ବିଭାଗ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଗେଟ୍ ଆଗରେ ବିଦ୍ୟୁତ୍ ତାର ବିପଦପୂର୍ଣ୍ଣ ଭାବେ ରହିଛି। ଫଳରେ ଲୋକଙ୍କ ଜୀବନ ପ୍ରତି ପ୍ରତିମୁହୂର୍ତ୍ତରେ ବିପଦ ସୃଷ୍ଟି ହେଉଛି। ତଥାପି ଏଥିପ୍ରତି କାହାରି ଦୃଷ୍ଟି ପଡୁ ନାହିଁ। ପ୍ରତିଦିନ ଏହି ଦୁଇଟି ବିଭାଗକୁ ଶହ ଶହ ଲୋକେ କିଏ ରାସନ୍ ସମସ୍ୟା ନେଇ ତ ଆଉ କେହି ପାନୀୟଜଳ ସମସ୍ୟା ନେଇ ସମ୍ପୃକ୍ତ ବିଭାଗକୁ ଯାଇଥାନ୍ତି। ତେବେ ଏହି ବିଭାଗକୁ ଯିବା ମୁଖ୍ୟ ଗେଟ୍ ଆଗରେ ଅନେକ ଦିନରୁ ବିଦ୍ୟୁତ୍ ତା'ର ବିପଦପୂର୍ଣ୍ଣ ହୋଇ ରହିଛି। ଗେଟ୍ ମଧ୍ୟରେ ଅନେକ ବିଦ୍ୟୁତ୍ ତା'ର ଛନ୍ଦି ହୋଇ ରହିଥିବାବେଳେ ସର୍ଟସର୍କିଟ୍ ହେଲେ ଲୋକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହେବ। ତେଣୁ ପ୍ରଶାସନ ଏଦିଗରେ ଦୃଷ୍ଟି ଦେବାକୁ ଜନସାଧାରଣ ଦାବି କରିଛନ୍ତି।





# ୫ ବର୍ଷ ହେଲା କୂଅଖୋଳା ଟଙ୍କା ମିଳୁନି

**ହରଭଙ୍ଗା, ୧୯ ।୪(ସମିସ)**

ବୌଦ୍ଧ ଜିଲ୍ଲା ହରଭଙ୍ଗା। ବ୍ଲକ ଲୁଣିବାହାଲ ପଞ୍ଚାୟତର ପୂର୍ବତନ ସରପଞ୍ଚଙ୍କ ନାମରେ ବୌଦ୍ଧ ଲୋକପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ୨୦୧୯ରେ ତତ୍କାଳୀନ ଲୁଣିବାହାଲ ସରପଞ୍ଚ ବିଷ୍ଣୁ ଯାନି ମଧୁସୂଦନପୁର ଗ୍ରାମର କୈଳାଶ ଦଳବେହେରାଙ୍କୁ ଏକ ନୂତନ କୂଅ ଖୋଳିବା ପାଇଁ କାର୍ଯ୍ୟାଦେଶ ଦେଇଥିଲେ। ହିତାଧିକାରୀ ଜଣଙ୍କ କୂଅ ଖୋଳି ସାରିଥିଲେ ମଧ ୫ ବର୍ଷ ହେଲା ଏ ବାବଦରେ ୩୪ହଜାର ଟଙ୍କା ପାଇ ପାରି ନାହାନ୍ତି। ତେଣୁ ସରପଞ୍ଚ ଏହା ତଞ୍ଚକତା କରି ଟଙ୍କା ଖାଇଦେଇଥିବା ବେଳେ ନିଜର କୂଅ ବାବଦ ଟଙ୍କା ଫେରି ପାଇବାକୁ ହିତାଧିକାରୀ ଜଣଙ୍କ ବୌଦ୍ଧ ଲୋକପାଳ ବା ଏମଜିଏନଆରଜିଏସ ଆମ୍ବୁଡ୍ସମ୍ୟାନ ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ହରଭଙ୍ଗା ବିଡ଼ିଓଙ୍କୁ ଘଟଣାର ତୁରନ୍ତ ତଦନ୍ତ କରି ୭ଦିନ ମଧ୍ୟରେ ରିପୋର୍ଟ ପ୍ରଦାନ ପାଇଁ ଲୋକପାଳଙ୍କ ପକ୍ଷରୁ ନିର୍ଦ୍ଦେଶ ଆସିଛି।

**ପୂର୍ବତନ ସରପଞ୍ଚଙ୍କ ବିରୋଧରେ ଲୋକପାଳଙ୍କୁ ଅଭିଯୋଗ**

**୭ଦିନ ଭିତରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ**

## ସାମ୍ବାଦିକଙ୍କ ମାତୃ ବିୟୋଗ

**ନର୍ଲା, ୧୯।୪(ସମିସ):** ବରଗଡ଼ର ଏକ ଘରୋଇ ଡାକ୍ତରଖାନାରେ ଶୁକ୍ରବାର ଅପରାହ୍ନରେ ଚିକିତ୍ସାଧୀନ ଅବସ୍ଥାରେ ସାମ୍ବାଦିକ ତଥା ରୁପ୍ରାରୋଡ ପଞ୍ଚାୟତର ପୂର୍ବତନ ସରପଞ୍ଚ ଚିତ୍ତରଞ୍ଜନ ରଣାଙ୍କ ମାଆ ପଦ୍ମିନୀ ରଣା (୭୧)ଙ୍କ ପରଲୋକ ଘଟିଛି। ବରଗଡ଼ରୁ ମରଶରୀର ନିଜ ଗାଁ ବିଲାଟରେ ପହଞ୍ଚିବା ପରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଥିଲା। ବିଭିନ୍ନ ବର୍ଗର ଲୋକେ ଗାଁରେ ପହଞ୍ଚି ଶେଷଦର୍ଶନ କରିଥିଲେ। ସ୍ୱାମୀ ବୀରକିଶୋର ରଣା, ଜ୍ୟେଷ୍ଠ ପୁତ୍ର ହେମକାନ୍ତ, ଚିତ୍ତରଞ୍ଜନ, ଚମ୍ପକଲାଲ୍ ଓ ନଳିନୀକାନ୍ତ, ଏକମାତ୍ର ଝିଅ ମୀରା, ସମସ୍ତ ପୁତ୍ରବଧୂ, ଜାମାତା, ନାତିନାତୁଣୀ, ସାମ୍ବାଦିକଗଣ ଓ ବନ୍ଧୁବର୍ଗ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଜ୍ୟେଷ୍ଠ ପୁତ୍ର ହେମକାନ୍ତ ମୁଖାଗ୍ନି ଦେଇଥିଲେ।



